ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୩ ନଭେମ୍ବର, ୨୦୨୩



## ସଂକ୍ଷେପରେ

### ସୃଷ୍ଟିକା କଣ୍ଠ ସଙ୍ଗୀତରେ ବିଶ୍ୱବିଦ୍ୟାଳୟସ୍ତରକୁ ମନୋନୀତ

ଲୋଇସିଂହା,୨୨।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟସ୍ତରୀୟ କଣ୍ଠ ସଙ୍ଗୀତ (ଭୋକାଲ)ପ୍ରତିଯୋଗୀତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ ସୃଷ୍ଟିକା ବାରିକ



ଭାଗ ନେଇଥିଲେ। ବଲିଉଡର ପ୍ରଖ୍ୟାତ ଗାୟିକା ରିଚା ଶର୍ମାଙ୍କ ସୁଖୀ ସଙ୍ଗ ଗୀତ ମୈରା ମୌଲା କରମ୍ ହୋ କରମ୍ ଗୀତ ଗାଇ ସୃଷ୍ଟିକା ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟସ୍ତରୀୟ କଣ୍ଠ ସଙ୍ଗୀତ ପ୍ରତିଯୋଗକୁ ମନୋନୀତ ହୋଇଛନ୍ତି। ସୃଷ୍ଟିକା ଲୋଇସିଂହା ଶକ୍ତି ନଗର ନିବାସୀ ଆଶିଷ ବାରିକ ଓ ଟୁନି ବାରିକଙ୍କ ଝିଅ।

### ଜିଲାସ୍ତରୀୟ ଫୁଟବଲ: ଫାଇନାଲରେ ସଲଣ୍ଡି

ବେଲପଡ଼ା,୨୨।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ନେହେରୁ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟବର୍ଷ ଫୁଟବଲ ପ୍ରତିଯୋଗୀତାର ବୁଧବାର ଥିଲା ପ୍ରଥମ ସେମିଫାଇନାଲ। ଚନ୍ଦ୍ରପୁରକୁ ପେନାଲଟି ସୁଟ୍ଆଉଟ୍‌ରେ ହରାଇ ସଲଣ୍ଡି ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ମାର୍ଗଶିର ବିଶାଳ, ସମ୍ମାନୀତ ଅତିଥି ରବିଚନ୍ଦ୍ର ଦଣ୍ଡସେନା, ରମେଶ ସାଣ୍ଡ, ହରେରାମ ଭୋଇ, ମହେନ୍ଦ୍ର ବିଶି, ଜନୁ ବନଗୁଲା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ତେତେଲମୁଣ୍ଡା ଓ ମଧପୁର ମଧ୍ୟରେ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।

### ବସଷ୍ଟାଣ୍ଡ ନିର୍ମାଣ ପାଇଁ କାମ ଆରମ୍ଭ

ଖଡ଼ିଆଳ,୨୨।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଆମ୍ବେଡକର ଛକ ନିକଟରେ ଥିବା ଜଳସେଚନ ସର୍ଭେ ବିଭାଗ କାର୍ଯ୍ୟାଳୟ ଦୀର୍ଘ ଦିନରୁ ବନ୍ଦ ପଡିଥିବା ବେଳେ ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ ହୋଇଛି। ଖଡିଆଳ ତହସିଲଦାର ଲଳିତ ବାଗ ଏବଂ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ମଚାରୀଙ୍କ ଉପସ୍ଥିତିରେ ପୁରୁଣା ଅଫିସ ଗୃହଗୁଡିକୁ ଯେସିବି ମେଶିନ ସାହାଯ୍ୟରେ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି। ଫଳରେ ପ୍ରସ୍ତାବିତ ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ ହେବା ପରେ ଖଡ଼ିଆଳ ସହରବାସୀଙ୍କ ମଧ୍ୟରେ ଖୁସିରେ ଲହର ଖେଳିଯାଇଛି।

### ୫ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ମୁରିବାହାଲ,୨୨।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ମୁରିବାହାଲ ବ୍ଲକ ସଦର ମହକୁମା ଆଦର୍ଶ ବିଦ୍ୟାଳୟରେ ବୁଧବାର ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଏବିଇଓ ହୀରାସିଂ ମାଝି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପିତାମ୍ବର ବେସ୍ରା, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ସୁନିଲ କୁମାର ପାତ୍ର ଉପସ୍ଥିତ ଥିଲେ। ବ୍ଲକର ୬୦ବିଦ୍ୟାଳୟର ୧୩୪ ପ୍ରତିଯୋଗୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେଥିରୁ ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ବିଇଓ ଶାନ୍ତନୁ କୁମାର ପଢିଆରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ସମ୍ମାନୀତ ଅତିଥିଭାବେ ଏବିଇଓ କୋଦଣ୍ଡଧର ଭୋଇ, ନିରୀକ୍ଷକ ଅମରେନ୍ଦ୍ର ହୋତା, ବିଚାରକ ଦୁର୍ଗାପ୍ରସାଦ ପାଣିଗ୍ରାହୀ, ରାଜେଶ କୁମାର ସିଂଦେଓ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଲିଲୁ ମୋହନ ପଧାନ କାର୍ଯ୍ୟକ୍ରମ ସଞ୍ଚାଳନ ଓ ଶିବ ଶଙ୍କର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

### ଦେଓଗାଁ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ପ୍ରସଙ୍ଗ

ଦେଓଗାଁ,୨୨।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଅନଶ୍ଚିତତା ମଧ୍ୟରେ ରହିଛି। ତେବେ ଷ୍ଟେଶନ ନବୀକରଣ ପରେ ଏକ୍ସପ୍ରେସ ଟ୍ରେନ ରହଣି ଆଶା ଉଜ୍ଜିବିତ ହୋଇଛି। ଅଞ୍ଚଳବାସୀ ଦୀର୍ଘ ୨୨ ବର୍ଷ ଧରି ଦ୍ରୁତଗାମୀ ଟ୍ରେନ ରହଣି ନେଇ ଦାବି କରିଆସୁଥିଲେ ମଧ୍ୟ ଅଦ୍ୟାବଧି ଏହା ସାକାର ହୋଇପାରିନାହିଁ। ୨୦୧୯ ଫେବୃୟାରୀ ୨୦ତାରିଖରେ ଦଳମତ ନିର୍ବିଶେଷରେ ଦେଓଗାଁ ରେଳଷ୍ଟେଶନରେ ଅଞ୍ଚଳବାସୀ ରେଳରୋକୋ ଆନ୍ଦୋଳନ କରିଥିଲେ। ସମ୍ବଲପୁର ଡିଆରଏମଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବାଣିଜ୍ୟକ ଅଧିକାରୀ ଜି.ଡି. ସରକାର ଆନ୍ଦୋଳନସ୍ଥଳରେ ପହଞ୍ଚି ୭ଦିନ ଭିତରେ ତପସ୍ୱିନୀ ଏକ୍ସପ୍ରେସ ଓ ତିନିମାସ ମଧ୍ୟରେ ଦୁର୍ଗ-ପୁରୀ ଇଣ୍ଟରସିଟି ଏବଂ ଇସ୍ପାତ ଟ୍ରେନ ଦେଓଗାଁରେ ଷ୍ଟପେଜ କରିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ହେଲେ ଡିଆରଏମଙ୍କ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଗଲା । ପୁନଶ୍ଚ୨୦୧୯ ଅଗଷ୍ଟ ୧୮ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଲାଙ୍ଗୀର ଗସ୍ତରେ ଆସିଥିବାବେଳେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ଓ ଅନ୍ୟାନ୍ୟ ସଂଗଠନ କର୍ମକର୍ତ୍ତା ସାକ୍ଷାତ କରି ଆଲୋଚନା କରିଥିଲେ । କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦ୍ରୁତଗାମୀ ଟ୍ରେନ ରହଣି ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଅଞ୍ଚଳବାସୀଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଅଞ୍ଚଳବାସୀ ଏ ଦିଗରେ ବହୁବାର ସାକ୍ଷାତ ଆଲୋଚନା କରିଥିଲେ। ଚଳିତ ନିର୍ବାଚନ ପୂର୍ବରୁ ଇସ୍ପାତ ଓ ଦୁର୍ଗ-ପୁରୀ ଇଣ୍ଟରସିଟି ଟ୍ରେନ ଦେଓଗାଁ ଷ୍ଟେଶନରେ ନିଶ୍ଚିତ ରହିବ ମୁଁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଛି ବୋଲି କହିଥିଲେ। ହେଲେ ଏହି ବହୁ ପ୍ରତୀକ୍ଷିତ ଦାବି ଏ ଯାଏ ପୂରଣ ହୋଇ ନ ଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି।



ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଢ଼େଙ୍ଗ ଗ୍ରାମରେ ଏକାଦଶୀ ମହାତ୍ମ୍ୟର ଉଦ୍‌ଯାପନୀ ଅବସରରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ବୁଧବାର ଲାନ୍ଥ ନଦୀରୁ ପୂର୍ଣ୍ଣଜଳ କଳସ ଧରି ମହିଳାମାନେ ଆସୁଛନ୍ତି। (ଫଟୋ: ରାଖାଲ ଶତପଥୀ, ସଇଁତଲା)

# ବସୁଧା ଯୋଜନା ଫେଲ୍: ନଳକୂଅ ପାଣି ଭରସା



ଗଡଦ୍ୱାର ଗାଁରେ ମହିଳାମାନେ ନିରନ୍ତର ଜଳ ଯୋଗାଣ ପାଇଁ ଦାବି କରୁଛନ୍ତି।

ଦେଓଗାଁ,୨୨।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଗଡଦ୍ୱାର ଓ ରତନପୁର ଗାଁରେ ବସୁଧା ଯୋଜନା ଫେଲ ମାରିଛି। ଅର୍ଡା ଗାଁ ନିକଟ ସୋନଗଡ ନଦୀପଠାରୁ ଗଭୀର କୂପରୁ ଏହି ଗାଁମାନଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ ହୋଇଛି । ଗଡଦ୍ୱାର ଗାଁର ପ୍ରତ୍ୟେକ ଘର ସାମ୍ନାରେ ଷ୍ଟାଣ୍ଡପୋଷ୍ଟ ପଏଣ୍ଟ ନିର୍ମାଣ ଯାଇଛି । ହେଲେ ଗାଁ ଲୋକଙ୍କ କହିବାନୁସାରେ ଖରା ମାସରେ ମାସେ ଦେଢ଼ ମାସ ପାଇପରେ ପାଣି ଆସୁଛି। ତାହା ପୁଣି ଗାଁର ସମସ୍ତ ପରିବାର ଠିକରୂପେ ପାଆନ୍ତି ନାହିଁ । ବର୍ତ୍ତମାନ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ବେଳେ ଗ୍ରାମବାସୀ ପାନୀୟ ଜଳ ପାଇଁ ଗାଁରେ ଥିବା କିଛି ନଳକୂପ ଉପରେ ନିର୍ଭରଶୀଳ । ଏ ନେଇ ଗାଁର ରଶ୍ମିତା କୁଅଁର, ଯାଜ୍ଞସେନୀ ଧରୁଆ, ପଦ୍ମାଳୟା ଧରୁଆ, ଶାନ୍ତି ଭୋଇ, ମିତା ଧରୁଆ, ରଜନୀ କଏଣ୍ଡା, ସରୋଜିନୀ ଧରୁଆ ତଥା ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଆସୁଥିଲେ ମଧ୍ୟ ଏଦିଗରେ କେହି କର୍ଣ୍ଣପାତ କରୁ ନ ଥିବା ନେଇ କ୍ଷୋଭପ୍ରକାଶ କରିଛନ୍ତି। ସେହିପରି ରତନପୁର ଗାଁରେ ମଧ୍ୟ ତଦ୍ରୁପ ଅବସ୍ଥା। ଉକ୍ତ ଗ୍ରାମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

### ରାଜ୍ୟ ଖାଦ୍ୟ ଆୟୋଗ ବୁଲିଲେ ହରିଶଙ୍କର ମନ୍ଦିର

ଖପ୍ରାଖୋଲ, ୨୨।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ବୁଧବାର ଗସ୍ତ କରିଥିଲେ। ଏହି ଅବସରରେ ହରିଶଙ୍କର ମନ୍ଦିରରେ ଠାକୁର ଦର୍ଶନ ସହ ଝରଣା କୂଳ ଓ ଉନ୍ନୟନମୂଳକ କାମ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟ ଆୟୋଗ ସଦସ୍ୟା ପ୍ରେମଶିଳା କେରକେଟା, ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଉପସ୍ଥିତ ଥିଲେ। ଗସ୍ତବେଳେ ପାଟଣାଗଡ ଉପ ଜିଲାପାଳ ଡ ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ସିଡ଼ିପିଓ ସୁଜାତା ଦୋରା,ଏଡିପିଆର ଓ ସଞ୍ଜୀବ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ

### ଲାଠୋରକୁ ବ୍ଲକ ଘୋଷଣା ପ୍ରସଙ୍ଗ

ଲାଠୋର,୨୨।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଲାଠୋରକୁ ବ୍ଲକ ଘୋଷଣା ପ୍ରସଙ୍ଗ ମଙ୍ଗଳବାର ଓଡ଼ିଶା ବିଧାନ ସଭାରେ ଉଠିଛି। ମଙ୍ଗଳବାର ବିଧାନସଭାରେ ଏହି ପ୍ରଶ୍ନ ଉଠାଇଛନ୍ତି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା। ବିଧାୟକ ସାଲୁଜା ତାଙ୍କର ପ୍ରଶ୍ନ ନଂ.୧୬ରେ ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ରାଜ୍ୟରେ ମୋଟ କେତୋଟି ନୂଆ ବ୍ଲକ ଗଠନ କରିବା ପାଇଁ ସରକାର ବିଚାର କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଯଦି ଏପରି କରୁଥାଆନ୍ତି ତେବେ ନୂଆ ବ୍ଲକର ନାମ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି। ବଲାଙ୍ଗୀର ଜିଲା ସିନ୍ଧେକେଲା ଏବଂ ଲାଠୋର ପଞ୍ଚାୟତକୁ ନୂଆ ବ୍ଲକ ଘୋଷଣା କରିବାକୁ ବିଚାର କରିବେ କି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ଅମାତ୍ ବର୍ତ୍ତମାନ ରାଜ୍ୟରେ ବ୍ଲକ ପୁନଃଗଠନ କରିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ। ଭବିଷ୍ୟତରେ ଯେବେ ସରକାର ବ୍ଲକ ପୁନଃଗଠନ କରିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେବେ ବଲାଙ୍ଗୀର ଜିଲାର ଲାଠୋର ଏବଂ ସିନ୍ଧେକେଲା ପଞ୍ଚାୟତକୁ ନୂଆ ବ୍ଲକ ଘୋଷଣା କରିବା ପ୍ରସ୍ତାବ ଉପରେ ବିଚାର କରିବେ ବୋଲି କହିଥିଲେ। ପ୍ରକାଶଥାଉକି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଲାଠୋର ଗସ୍ତରେ ଆସିଥିବା ବେଳେ ଅଞ୍ଚଳବାସୀ ଲାଠୋରକୁ ବ୍ଲକର ମାନ୍ୟତା ପ୍ରଦାନ ପାଇଁ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଅଞ୍ଚଳରୁ ହରେକୃଷ୍ଣ ଭଇଁଷାଲଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଜାଇ ଦାବି ପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଲାଠୋରକୁ ବ୍ଲକ ଘୋଷଣା କରିବାକୁ ବିଜେଡ଼ି, ଭାଜପା ଏବଂ କଂଗ୍ରେସ ଦଳର କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି।

### ବ୍ରାହ୍ମଣୀ ପାହାଡ଼ ସୌନ୍ଦର୍ଯ୍ୟକରଣ ପାଇଁ ୪୬.୨୦ଲକ୍ଷ

ମୁରିବାହାଲ,୨୨।୧୧(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ମାଳିସାରା ଗ୍ରାମ ପଞ୍ଚାୟତର ବ୍ରାହ୍ମଣି ପାହାଡ଼ ସିଦ୍ଧକ୍ଷେତ୍ରକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ପ୍ରଥମ କିସ୍ତିରେ ବୁଧବାର ୪୬.୨୦ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ବିଭାଗ ତରଫରୁ ଏ ନେଇ ସୂଚିତ କରାଯିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆଗାମୀ ଦିନରେ ଏହିକ୍ଷେତ୍ର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବ ବୋଲି ଆଶା କରାଯାଉଛି। ଅନୁଦାନ ମଞ୍ଜୁର ପୂର୍ବରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ବର୍ଣ୍ଣିକା ଚଟୋପାଧ୍ୟାୟ, ବରିଷ୍ଠ ଅଧିକାରୀ ରହିନ୍ଦ୍ର କୁମାର ଦଳାଇ, ବରିଷ୍ଠ ଆର୍କିଟେକଚର ରଞ୍ଜିତ ସେନ ଗୁପ୍ତା ଗତ ୪ତାରିଖରେ ଏହି କ୍ଷେତ୍ର ପରିଦର୍ଶନ କରିଥିଲେ। ସରକାରୀ ନିୟମ ଅନୁସାରେ ମଞ୍ଜୁର ଅନୁଦାନ ରାଶିରେ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ମୁରିବାହାଲ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ କହିଛନ୍ତି। ପ୍ରଥମ କିସ୍ତି ମିଳିଥିବାରୁ ବ୍ରାହ୍ମଣି ପାହାଡ଼ ସିଦ୍ଧକ୍ଷେତ୍ର ଟ୍ରଷ୍ଟ ସଭାପତି ପୁଲସ୍ତି ବେହେରା, ଦେବେନ୍ଦ୍ର ମେର୍ଲି, ଭୁଲା ବେହେରା, ଶେଷଦେବ ପଧାନ, ଲଳିତ ମହାନ୍ତି ପ୍ରମୁଖ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି । ଏଥିପୂର୍ବରୁ ଟ୍ରଷ୍ଟ ଓ ମୁରିବାହାଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ହଂସରାଜ ଜୈନଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗୀର ଜିଲ୍ଲାପାଳ ଚଞ୍ଚଳ ରାଣା, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀଙ୍କୁ ଭେଟି ବ୍ରାହ୍ମଣି ପାହାଡ଼ ସିଦ୍ଧକ୍ଷେତ୍ରର ଉନ୍ନତୀକରଣ ପାଇଁ ଅନୁରୋଧ କରିଥିଲେ।

# କ୍ରେତା ବିକେତ୍ରା ସମାରୋହ





କ୍ରେତା, ବିକ୍ରେତା ସମାରୋହରେ ମଞ୍ଚାସୀନ ଅତିଥି।

ଟିଟିଲାଗଡ଼,୨୨।୧୧(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡର ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ଆଞ୍ଚଳିକ ସମୃଦ୍ଧି ସାଧନା ଅନୁଷ୍ଠାନ ଡେସିଲ ତରଫରୁ ଓଡ଼ିଶା ସରକାରଙ୍କ ଚାଷ ଏବଂ ଚାଷୀ ସକ୍ଷମ ବିଭାଗ ସହଯୋଗରେ ଫସଲର ବିବିଧକରଣ ଯୋଜନା ଅନ୍ତର୍ଗତ ଏକଦିବସୀୟ କ୍ରେତା-ବିକ୍ରେତା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଜିଲା ବିକାଶ ପ୍ରବନ୍ଧକ(ନାବାର୍ଡ) ବିବେକ କୁମାର ନାୟକ ମୁଖ୍ୟ ଅତିଥି, ସହକାରୀ ଉପନିର୍ଦ୍ଦେଶକ ଉଦ୍ୟାନ ମନବୋଧ ମାଝି, ଟିଟିଲାଗଡ କୃଷି ବିକାଶ ଅଧିକାରୀ ଲାଲ ବିହାରୀ ମଲ୍ଲିକ ଏବଂ ଟିଟିଲାଗଡ ବ୍ଲକର ଶତାଧିକ କୃଷକ ଭଉଣୀ ଭାଇ ଉପସ୍ଥିତ ଥିଲେ। ଆଶା ସଂସ୍ଥାର ସଂସ୍ଥାପକ ସଞ୍ଜୀବ ପଟ୍ଟନାୟକ ଏହି ସମାରୋହ ପରିଚାଳନା କରିଥିଲେ। ଆଶାସଂସ୍ଥାର କାର୍ଯ୍ୟକ୍ରମ ପ୍ରବନ୍ଧକ ପ୍ରଦୀପ ମଲ୍ଲିକ ଚାଷୀ ଉତ୍ପାଦ ସଂସ୍ଥାର ଭବିଷ୍ୟ ଯୋଜନା ବିଷୟରେ ପ୍ରତିଭାଗୀଙ୍କୁ ଜଣାଇଥିଲେ। ମୁଖ୍ୟ ଅତିଥି ନାୟକ କୃଷକମାନଙ୍କୁ ସରକାରୀ ଯୋଜନାଗୁଡିକର ଲାଭ ଉଠାଇ ନିଜର ଚାଷ ଉତ୍ପାଦର ବ୍ରାଣ୍ଡିଂ କରି ବ୍ୟବସାୟର ଉତ୍ଥାନ ପାଇ ପ୍ରୋତ୍ସାହନ କରିଥିଲେ। ମନବୋଧ ମାଝି ସହକାରୀ ଉପଦା ନିର୍ଦ୍ଦେଶକ ଉଦ୍ୟାନ ବିଭାଗର ଯୋଜନା ବିଷୟରେ ଏବଂ ଲାଲବିହାରି ମଲ୍ଲିକ କୃଷି ବିକାଶ ଅଧିକାରୀ କୃଷି ଉତ୍ପାଦର ବିକ୍ରୟ ପ୍ରକ୍ରିୟା ବିଷୟରେ କୃଷକମାନଙ୍କୁ ଅବଗତ କରିଥିଲେ। ଏହି ସମାରୋହରେ କୃଷକ ଉନ୍ନୟନ, ସମ୍ବଲ ଶକ୍ତି, ଜାଡେନ ଏବଂ ଟିଟିଲାଗଡ କୃଷକ ଉତ୍ପାଦ ସଂସ୍ଥା ମଧ୍ୟ ଉପସ୍ଥିତ ରହି ନିଜ ଉତ୍ପାଦ ଗୁଡିକର ପ୍ରଦର୍ଶନ କରାଇ କୃଷକମାନଙ୍କୁ କୃଷି ଉତ୍ପାଦର କ୍ରୟ ବିକ୍ରୟ ପ୍ରକ୍ରିୟା ଏବଂ ନିଜର ସଂସ୍ଥାର ଅନୁଭବ ବିଷୟରେ ଅବଗତ କରାଇଥିଲେ। ପରମେଶ୍ୱର ରାଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ଲାଷ୍ଟିକ ବର୍ଜନ ଶୋଭାଯାତ୍ରା

ଟିଟିଲାଗଡ଼,୨୨।୧୧(ଶରତ ମିଶ୍ର)

ଟିଟିଲାଗଡ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟ ତଥା ଛାତ୍ରୀଛାତ୍ରଙ୍କ ପକ୍ଷରୁ ପ୍ଲାଷ୍ଟିକର ଭୟବହତାକୁ ନେଇ ଏକ ସଚେତନତା ସଭା ତଥା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ସଚେତନତାତ୍ମକ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ, ଯୁକ୍ତ ୨ ଷ୍ଟ୍ରିମ ଅଧ୍ୟକ୍ଷ ଡ. ବିଧାନ ଚନ୍ଦ୍ର ମିଶ୍ର ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକ ବର୍ଜନ ପାଇଁ ସଂକଳ୍ପ ପାଠ କରିଥିଲେ। ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ସାହୁ, ଅଧ୍ୟାପକ ନନ୍ଦକୁମାର ହୋତା, ଜିଶୋର ଷଡଙ୍ଗୀ, ଲିଙ୍ଗରାଜ ବେହେରା, ସଞ୍ଜୟ ପଟ୍ଟନାୟକ, ଜଗଦୀଶ ଭୋଇ, ଦୀପକ ବଗର୍ତ୍ତି, ନୀତିନ ରାଉତ, ବୈଷ୍ଣବ ଗୌଡ, ଡ. ଦେବବ୍ରତ ନାୟକ, ଏନସିସି ଅଧିକାରୀ ବେଦବର ରଣା, କ୍ୟାଡେଟ ରୋହନ ତାଣ୍ଡି, ଜିତୁ ରଣା, ପ୍ରୀତମ ମହାନନ୍ଦ, ନିଶା ବେହେରା, ପଲ୍ଲବୀ ସୁନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।





ପ୍ଲାଷ୍ଟିକ ବର୍ଜନ ସଚେତନତା ରାଲିରେ ଛାତ୍ରୀଛାତ୍ରମାନେ ବାହାରିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୬୯ପ୍ରକଳ୍ପ



ଅତିଥିମାନେ ପ୍ରକଳ୍ପ ବିଷୟରେ ପିଲାଙ୍କଠାରୁ ପଚାରି ବୁଝୁଛନ୍ତି।

ବେଲପଡ଼ା,୨୨।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଘାଗୁର୍ଲି ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ମେଳାକୁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଥୀ ସାହୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଅଭିନବ ମିଶ୍ରଙ୍କ ସଭାପତିତ୍ୱ ଓ ଘାଗୁର୍ଲି ହାଇସ୍କୁଲ ପ୍ରଧାନଶିକ୍ଷକ କିଶୋର କୁମାର ଦାନୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଏବିଡ଼ିଓ ସାରଥୀ ସାହୁ, ମୁଖ୍ୟବକ୍ତା ଆସ୍ଥା ପବ୍ଲିକ ସ୍କୁଲ ଅଧ୍ୟକ୍ଷ ବିଲା ସରକାର, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରି ଜଗବନ୍ଧୁ ମାଝି, ଚତୁର୍ଭୁଜ ମିର୍ଦ୍ଧା, ପର୍ଯ୍ୟବେକ୍ଷକ ଭାବେ ରାଧାକାନ୍ତ ସୁଆର, ବେଲପଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ବିଜ୍ଞାନ ସଂଯୋଜକ ସୁଶାନ୍ତ ନାୟକ ଯୋଗ ଦେଇଥିଲେ। ବିଜ୍ଞାନ ସାହାଯ୍ୟରେ ମଣିଷ ଗଢି ପାରିଛି ତାର ସାମାଜିକ ସ୍ଥିତି ଓ ବିକାଶ ବୋଲି ମୁଖ୍ୟବକ୍ତା ସରକାର ମତ ଦେଇଥିଲେ। ମେଳାରେ ବ୍ଲକର ବିଭିନ୍ନ ସ୍କୁଲର ପ୍ରଥମ ରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ୧୬୯ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରକଳ୍ପ ମଧ୍ୟରେ ୫ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଧୁମତୀ ମାଝି, ସମ୍ମାନିତ ଅତିଥି ସାମାଜିକ କର୍ମୀ ଅରୁଣ ପାଣିଗ୍ରାହୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଲକ୍ଷେଘର ଗଣ୍ଡା ସମାଜ ନୂଆଁଖାଇ ଭେଟ୍‌ଘାଟ

ଖପ୍ରାଖୋଲ,୨୨।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରାଠାରେ ଲକ୍ଷେଘର ଗଣ୍ଡା ସମାଜର ନୂଆଁଖାଇ ଭେଟ୍‌ଘାଟ ବୁଧବାର ଅନୁଷ୍ଠିତ ହୋଇଯାଇଛ। ବ୍ଲକ ସଭାପତି ଝିନୁ ଟାକ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭେଟ୍‌ଘାଟରେ ମୁଖ୍ୟ ଅତିଥିଭାବେ ଜିଲା ଆଦିବାସୀ ଦଳିତ ସଂଖ୍ୟାଲଘୁ କଲ୍ୟାଣ କମିଟି ଉପାଧକ୍ଷା ନିରୂପମା ମାଝି, ମୁଖ୍ୟବକ୍ତା ଲେଖକ ଡାକ୍ତର ବାସୁଦେବ ସୁନାନୀ, ସମ୍ମାନିତ ଅତିଥି କଣ୍ଟାବାଞ୍ଜି ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଜିତେନ୍ଦ୍ର ସୁନା, ଉପଖଣ୍ଡ ଲକ୍ଷେଘର ଗଣ୍ଡା ସମାଜ ସଭାପତି ଦିକସନ ନନ୍ଦ, ଖପ୍ରାଖୋଲ ବ୍ଲକ ଅଧକ୍ଷା ନିରୂପମା ପଟେଲ ଯୋଗଦେଇଥିଲେ। ଅତିଥିମାନେ ନୂଆଁଖାଇ ପାଳନ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପାଟଣାଗଡ ବ୍ଲକ ଅଧକ୍ଷ ନୀଳକଣ୍ଠ ବାଗ, ପବିତ୍ର ପଟେଲ, ସମାଜସେବୀ ଜୟନ୍ତ କୁମ୍ଭାର, ଗିରିରାଜ ମାଝି, ସାବାସ ସଂଗଠନ ସଭାପତି କପିଳ ସୁନା ଯୋଗଦେଇ ଥିଲେ। ମୋହନ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।





ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବରଗଡ଼ (ପ୍ରେମାନନ୍ଦ ଖମାରୀ): ଅମ୍ବାଭୋନା ବ୍ଲକ ଚିଚୋଲି-ପ୍ରକାଶପୁର ମାଉସୀ ମନ୍ଦିର ପରିସରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଛି। ବନ୍ଧର, ନଲିଚୂଆଁ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଦିବସରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ସ୍ଥାନୀୟ ମହିମା ଆଶ୍ରମ ପରିସରରେ ରହିଥିବା ପୋଖରୀରୁ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଧରି ଯଜ୍ଞସ୍ଥଳୀକୁ ପହଞ୍ଚିଥିଲେ। ପଣ୍ଡିତ ସୁଶିଲ କୁମାର ଦାଶ ପୂଜାର୍ଚ୍ଚନା କରିଥିଲେ। ପଦ୍ମଲୋଚନ ସେଠ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ଛତିଶଗଡ଼, ଓଡ଼ିଶାର ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶିବିରରେ ବିଭିନ୍ନ ବର୍ଗର ୮୪ଦିବ୍ୟାଙ୍ଗ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ବସପାସ୍, ଟ୍ରାଇସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡ଼ି ଆଦି ପ୍ରଦାନ କରାଯାଇଥିଲା । ଡା. ବାଦଲ ଏକ୍କା, ଡା. ପ୍ରଭାତ କୁମାର ରାଉଳ, ଡା. ରାଜେଶ କୁମାର ପାତ୍ର, ଡା. ବିଜୟ କୁମାର ମାଲି ପ୍ରମୁଖ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅମ୍ବାଭୋନା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ, କନିଷ୍ଠ ସହାୟକ ସୂର୍ଯ୍ୟଦେବ ଦୋରା, ଟିକାରାମ ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

**ପଦ୍ମପୁର, ୨୨।୧୧(ପ୍ରଦୀପ୍ତ ଦାଶ) :** ବରଗଡ ଜିଲା ପଦ୍ମପୁର ରାଜବୋଡ଼ା ସମ୍ବର ହାଇସ୍କୁଲ ଖେଳ ପଡିଆରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ବିଭାଗର ଖେଳକୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ଅଖିଳ ଚନ୍ଦ୍ର ପୁରୋହିତ, ନୀରୋଜ ଦୋରା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ମହାବିଦ୍ୟାଳୟ ଅଧକ୍ଷା କଳ୍ପନାରାଣୀ ନାଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଡ ଚନ୍ଦ୍ରିକା ଭୋଇ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଅଧାପିକା ଲୋପାମୁଦ୍ରା ନାୟକ ଶପଥପାଠ କରେଇଥିଲେ। ଶେଷରେ ଅଧାପିକା ସଙ୍ଗୀତା ଗୌନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ଅଧାପିକା ସରିତାରାଣୀ ପ୍ରଧାନ ଓ ଖେଳ କାର୍ଯକ୍ରମକୁ ଅଧାପକ ଦିବ୍ୟକିଶୋର ପଣ୍ଡା ସଂଯୋଜନା କରିଥିଲେ। ସମସ୍ତ ଖେଳକୁ ସୀମିତ ମହାନ୍ତି, ଧାନଚାନ୍ଦ ଲୋହାର, ରଜତ ସିଂ ବରିହା ଓ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ ।

### ଆଇନଜୀବୀ ଚନ୍ଦ୍ରକାନ୍ତ ବାରିକଙ୍କ ପରଲୋକ

**ସୋହେଲା,୨୨।୧୧(ଅଶ୍ୱିନୀ କୁମାର ପାତ୍ର):** ବରଗଡ ଜିଲା ସୋହେଲା କୋର୍ଟରେ କାର୍ଯ୍ୟରତ ଓକିଲ ଚନ୍ଦ୍ରକାନ୍ତ ବାରିକଙ୍କ



ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହେଉଥିଲା। ମଙ୍ଗଳବାର ସକାଳେ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ପରିବାର ଲୋକେ ବରଗଡର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ସନ୍ଧ୍ୟାରେ ସୋହେଲା ଓକିଲ ସଂଘ ଭବନକୁ ଅଣାଯାଇଥିଲା। ସଂଘ ସଭାପତି ଅଶୋକ ବାରିକ, ସମ୍ପାଦକ ମିର୍ଜା ଆକବର ବେଗ, ଜେଏମ୍ଏଫସି ରୋହିତ ରଞ୍ଜନ ମିଶ୍ର, ସବ୍‌ଜଜ ଅନୁପ ସ୍ୱରୂପ ସେଠ, ସମସ୍ତ ଓକିଲ, ମୋହରି ସଂଘର ସଭାପତି ବିବେକା ନାୟକ, ବରିଷ୍ଠ ମୋହରି ରାମ ପ୍ରଧାନ, ଅଭିମନ୍ୟୁ ପଧାନ ଓ ମୋହରିର, କୋର୍ଟ ବାବୁ ଜତିଲାଲ ବାଗ ଓ କୋର୍ଟଷ୍ଟାଫ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବାରିକ ସୋହେଲା ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ଷଡାନନ ବାରିକଙ୍କ କନିଷ୍ଠ ପୁତ୍ର। ସେ ୨୦୦୧ରୁ ସୋହେଲା କୋର୍ଟରେ ଓକିଲାତି କରୁଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ବଡ଼ମାଲ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତୁରା ଅରୁଣ ବାରିକ ମୁଖାଗ୍ନି ଦେଇଥିଲେ। ତାଙ୍କ ପତ୍ନୀ ପିଙ୍କି ଦୁଇ ଝିଅ,ବାପା ଷଡାନନ ବାରିକ, ୪ଭାଇ ଓ ଭାଉଜ ଝିଆରୀ, ପୁତୁରାଙ୍କୁ ଛାଡ଼ିଯାଇଛନ୍ତି। ବୁଧବାର ଓକିଲ ସଂଘ ହଲରେ ସଭାପତି ଅଶୋକ ବାରିକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବାରିକଙ୍କୁ ସମ୍ମାନ ସ୍ୱରୂପ ବୁଧବାର କୋର୍ଟ କାମରୁ ଓକିଲମାନେ ବିରତ ହୋଇଥିଲେ। ସ୍ୱର୍ଗତ ବାରିକଙ୍କ ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଗଭୀର ଶୋକପ୍ରକାଶ କରିଛନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ବରଗଡ଼ ଜିଲାରେ ମଙ୍ଗଳବାରରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଚାଷୀମାନେ ଧାନ ଅମଳ କରିଥିଲେ ସୁଦ୍ଧା ଟୋକନ ସମସ୍ୟା ଯୋଗୁ ସେମାନେ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣି ପାରୁ ନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି କ୍ରମରେ ଅମ୍ବାଭୋନା ବ୍ଲକର ବାରପାହାଡ଼ କୃଷକ ସଙ୍ଗଠନ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଟୋକନ ସମସ୍ୟାର ସମାଧାନ କରିବାକୁ ସ୍ମାରକପତ୍ରରେ ଜିଲାପାଳ ବାନାର୍ଜୀଙ୍କୁ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ପଞ୍ଜୀକରଣ ସମୟରେ ଚାଷୀମାନେ ଠିକ୍ କାଗଜାତ୍ ଦାଖଲ କରିଥିଲେ। ଏପରିକି ଚାଷୀ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ସେମାନଙ୍କ ଧାନ ଅମଳକୁ ଲକ୍ଷ୍ୟ କରି ସମ୍ଭାବ୍ୟ ବିକ୍ରି ଦିବସ ତାରିଖ ଉଲ୍ଲେଖ କରିଥିଲେ। ମାତ୍ର ତାକୁ ଅଣଦେଖା କରି ଟୋକନରେ ବିକ୍ରି ଦିବସକୁ ଯଥେଷ୍ଟ ବିଳମ୍ବ କରାଯାଇ ଡିସେମ୍ବର ମାସକୁ ଧାର୍ଯ୍ୟ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଚାଷୀଙ୍କ ଧାନ ଅମଳ ସରି ଯାଇଛି ଏବଂ ବିକ୍ରିପାଇଁ ଆହୁରି ଏକମାସ ଅପେକ୍ଷା କଲେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚାଷୀମାନେ ସ୍ମାରକପତ୍ରରେ ଦର୍ଶାଇଛନ୍ତି। ବାରପାହାଡ଼ କୃଷକ ସଙ୍ଗଠନର ସଭାପତି ଈଶାନ ଚନ୍ଦ୍ର ଭୋଇ, ସମ୍ପାଦକ ଅଭିମନ୍ୟୁ ଭୋଇଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସକୁ ଆସିଥିଲେ।

# ଅଭିଭାବକ-ଶିକ୍ଷକ ସମ୍ମିଳନୀ


ବୁଗବୁଗାରେ ଅନୁଷ୍ଠିତ ସମ୍ମିଳନୀରେ ଯୋଗଦେଇଥିବା ଅଭିଭାବକ ଓ ଶିକ୍ଷକ।

**ସରଣ୍ଡା,୨୨।୧୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଚଳିତବର୍ଷର ତୃତୀୟ ଅଭିଭାବକ ଶିକ୍ଷକ ସମ୍ମିଳନୀ ବୁଧବାର ବୁଗବୁଗାଠାରେ ଅନୁଷ୍ଠିତ ହୋଇଯାଇଛି। ବୁଗବୁଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଆସିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ପିଲାମାନଙ୍କ ସହ ଶୈକ୍ଷିକଭାବ ବିନିମୟ କରିବା ସହ ଅଭିଭାବିକା ଅଭିଭାବକଙ୍କ ସହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ବିଦ୍ୟପ୍ରବେଶ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏବିଇଓ କାର୍ତ୍ତିକ ବାଗ ପିଲାମାନଙ୍କ ଦୈନିକ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନନ୍ଦିଘୋଷ ଭୁଏ ଏଜେଣ୍ଡା ଅନୁସାରେ ପ୍ରଥମ ପାରିସମାପ୍ତି ସୂଚକ ଆକଳନର ଫଳାଫଳ ଘୋଷଣା କରିଥିଲେ। ଏଥି ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉପରେ ଆଲୋଚନା ହୋଇଥିଲା।


ବିକାଶର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ।

# ପାଣିଟାଙ୍କି ଉପରକୁ ଚଢ଼ି ଡେଇଁବା ଉଦ୍ୟମ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ଥାନା ଅନ୍ତର୍ଗତ ଖୁଣ୍ଟପାଲି ଗ୍ରାମରେ ବୁଧବାର ରହିଥିବା ଏକ ପାଣିଟାଙ୍କି ଉପରକୁ ଚଢ଼ି ଜଣେ ଯୁବକ ତଳକୁ ଡେଇଁବାକୁ ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ସେ ଜଣେ ମାନସିକ ରୋଗୀ ହୋଇଥାଇ ପାରନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ତଳକୁ ଓହ୍ଲାଇବାକୁ ବାରମ୍ବାର କହିବା ସତ୍ତ୍ୱେ ସମ୍ପୃକ୍ତ ଯୁବକ ତଳକୁ ଓହ୍ଲାଉ ନାହାନ୍ତି । ରାତି ୯ଟା ପର୍ଯ୍ୟନ୍ତ ସେ ପାଣିଟାଙ୍କି ଉପରେ ରହିଥିବାବେଳେ ପୋଲିସ ତଳେ ଜଗି ରହିଛି।

# ବିକାଶର ବାର୍ଷିକ ଉତ୍ସବ ଇଲେକ୍ଟ୍ରା ଉଦ୍‌ଯାପିତ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଫାଷ୍ଟଷ୍ଟେପ୍ ଏବଂ ବିକାଶ ହାୟର ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସର ବାର୍ଷିକ ମହୋତ୍ସବ ଇଲେକ୍ଟ୍ରା ୨୦୨୩ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ବିକାଶ ଫାଷ୍ଟଷ୍ଟେପ୍ ଏବଂ ବିକାଶ ହାୟର ଏଜୁକ୍ୟାଶନାଲ ଇନଷ୍ଟିଚ୍ୟୁଶନ୍ସର ୧୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଡ଼ିଶନାଲ କମିଶନର (ସେଟେଲମେଣ୍ଟ ଆଣ୍ଡ୍ କଂସୋଲିଡ଼େଶନ) ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ପୃଷ୍ଠପୋଷକତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଜି. ରାମକ୍ରୀଷ୍ଣା, ଡି. ବିବେକ କୁମାର, ଗୀତିକା ଚୌଧୁରୀ, ଡା. ନିକିତା ଚୌଧୁରୀ, ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଡିନ୍ ପିତାମ୍ବର ଦାଶଙ୍କ ସମେତ ବିକାଶ ଗ୍ରୁପର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ବିକାଶ ଫାଷ୍ଟଷ୍ଟେପ୍‌ର ଅଧକ୍ଷା ପୁଷ୍ପଲତା ମହାପାତ୍ର, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ୍ ପଲିଟେକନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧକ୍ଷ ଡ. କ୍ଷୀରୋଦ ପ୍ରଧାନ, ବିକାଶ ଲ ସ୍କୁଲର ଡ. ବିକ୍ରମ ଦାଶ, ବିକାଶ ନର୍ସିଂ କଲେଜର ପ୍ରଫେସର ୱାଇ. ଡି ଷ୍ଟେଲା ପ୍ରମୁଖ ବାର୍ଷିକ ବିବରଣୀ ପଠନ କରିଥିଲେ। ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହାସଲ ଦିଗରେ ପ୍ରୟାସ କରିବାକୁ ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ପରାମର୍ଶ ଦେଇଥିଲେ। ବିକାଶ ଶିକ୍ଷାନୁଷ୍ଠାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପକୁ ମୁଖ୍ୟ ଅତିଥି ମାଝି ପ୍ରଶଂସା କରିଥିଲେ। ଉପାଧ୍ୟକ୍ଷା ଦିପାଞ୍ଜଳି ପଟେଲଙ୍କ ସଂଯୋଜନାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଲେକ୍ଟ୍ରା କନଭେନର ଡ.କ୍ଷୀରୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧକ୍ଷ ଆରଏସଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ଉପାଧକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଭାବକ, ଶିକ୍ଷକ ଓ ଗୋଷ୍ଠୀ ସମ୍ମିଳନୀ

**ପଦ୍ମପୁର, ୨୨।୧୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ, ପରିଚାଳନା କମିଟି, ଗୋଷ୍ଠୀ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମାଧବ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟ ଉନ୍ନତି, ଶିକ୍ଷକଙ୍କୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ଅର୍ଦ୍ଧବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶ ଓ ଅଭିଭାବକଙ୍କ ମତାମତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ଅଭିଭାବକ, ପରିଚାଳନା କମିଟି ଓ ଗୋଷ୍ଠୀ ତରଫରୁ ସରକାରଙ୍କ ଅଭିନବ ପଦକ୍ଷେପର ସବୁ ପ୍ରକାର ସହଯୋଗ ରହିବ ବୋଲି ଉପସ୍ଥିତ ସଦସ୍ୟମାନେ କହିଥିଲେ । ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନମେଳାରେ ୨୭ ପ୍ରକଳ୍ପ

**ବରଗଡ଼, ୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଜ୍ଞାନମେଳାରେ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନମେଳାରେ ୨୭ପ୍ରକଳ୍ପ ସ୍ଥାନିତ ହୋଇଥିଲା। କୃତୀ ଛାତ୍ରୀଛାତ୍ର ଆସନ୍ତା ୨୩ତାରିଖ ଅମ୍ବାଭୋନାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ତେଜରାମ ସା, ବୋଧରାମ ବିଶ୍ୱାଳ ବିଚାରକଭାବେ ଯୋଗଦାନ କରିଥିଲେ। ଶିକ୍ଷକ ରଞ୍ଜିତ ମୁନା, ଜ୍ୟୋତିଶ୍ଚନ୍ଦ୍ର ପ୍ରଧାନ, ଅଙ୍କିତ ମହନ୍ତ, ସୁବାଷ ଖମାରୀ, ଅମୂଲ୍ୟ ଭୋଇ ପ୍ରମୁଖ ବିଜ୍ଞାନମେଳା ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ରାଧେଶ୍ୟାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ବିଚାରକମାନେ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ କ୍ରୀଡ଼ା ଉତ୍ସବ


ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ଯୁବ କ୍ରୀଡାବିତ୍‌ମାନେ।

**ପାଇକମାଳ, ୨୨।୧୧(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ବିନ୍ଧ୍ୟବାସିନୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ଭାବନା ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପରିଚାଳନା କମିଟିସଭାପତି ବିଜୟ କୁମାର ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ଖେଳର ଉପଯୋଗିତା ସମ୍ପର୍କରେ କହିଥିଲେ। ଉଭୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୧୮ଟି ପ୍ରତିଯୋଗିତା ପାଇକମାଳ ଏମଇ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଥିଲା। ନୋଡ଼ାଲ ଅଫିସର ଅଧାପକ ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଛାତ୍ରମାନେ କବାଡି, କ୍ରିକେଟ, କ୍ୟାରମ, ଚେସ, ଭଲିବଲ, ବ୍ୟାଡମିଣ୍ଟନ, ରଶି ଟଣା ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଚେସ, କ୍ୟାରମ, ବ୍ୟାଡମିଣ୍ଟନ, ରଶିଟଣା ପ୍ରଭୃତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧକ୍ଷ ଲୋହିତ କୁମାର ବାରିକଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆଠ ଦିନ ଧରି ଅନୁଷ୍ଠିତ ହୋଇଥିଲା।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ପଦ୍ମପୁର, ୨୨।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ଅଧକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବ୍ୟଙ୍ଗଚିତ୍ର, ଥେମାଟିକ ଆର୍ଟ ଏବଂ କ୍ଷୁଦ୍ର ଗଳ୍ପ ପ୍ରସ୍ତୁତି ପ୍ରତିଯୋଗିତା କରାଯାଇଥିଲା। ମୋଟ ୧୪୮ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧାପକ ଅଶୋକ ବହିଦାର, ଦେବଦତ୍ତ ଜଗନ୍ନାଥ ସେଠ, ଯଦୁମଣି ନାୟକ, ଅମୂଲ୍ୟ ସିକନ୍ଦର, ଗିରଧାରି ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ।

# ରକ୍ତଦାନ ଶିବିର: ୩୨ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଡାଙ୍ଗସ୍ଥିତ ରାଣୀସତୀ ମନ୍ଦିର ପରିସରରେ ମଙ୍ଗଳବାର ନିଷ୍ଠା ପରିବାର ଏବଂ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ୟାମ ଜନ୍ମ ଉତ୍ସବ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୩୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟ ଏବଂ ନିଷ୍ଠା ପରିବାର ସଦସ୍ୟବୃନ୍ଦ ପରିଚାଳନା କରିଥିଲେ। ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟକୁ ସ୍ମୃତିଫଳକ, ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜସେବା ପାଇଁ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# କଳାପାଣି କପ୍ ଫୁଟ୍‌ବଲ ଉଦ୍‌ଘାଟିତ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣିଠାରେ ସ୍ଥାନୀୟ ଏଭରଗ୍ରୀନ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ କଳାପାଣି କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୁଶିଲ କୁମାର ଦାଶ, ସରପଞ୍ଚ ବିପିନ ପ୍ରଧାନ, ସମିତି ସଭ୍ୟ ସୋମନାଥ ସାହୁ, ମାନଭଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କୁର୍ଲା ଏବଂ ବରଗଡ଼ ମର୍ଣ୍ଣି କ୍ଲବ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ କୁର୍ଲା ଦଳ ବିଜୟୀ ହୋଇଥିଲା। ବାସୁଦେବ ଦାଶ, ଗୋପାଳ ନାଏକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।


ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ଭାଜପାର ବ୍ଲକ ଅଫିସ ଘେରାଉ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ବିରୋଧରେ ବୁଧବାର ଭାଜପା ପକ୍ଷରୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଦଳର ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହୋଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ, ଲୋକେ ଯୋଗଦାନ କରିଥିଲେ। ବ୍ଲକ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇ ଭାଜପା ରାଜ୍ୟ ସମ୍ପାଦକ ଆଚାର୍ଯ୍ୟ କହିଥିଲେ, ରାଜ୍ୟରେ ଦିନକୁ ଦିନ ଦୁର୍ନୀତି, ବ୍ୟଭିଚାର, ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବଢ଼ିବାରେ ଲାଗିଛି।



ଅମ୍ବାଭୋନା ବ୍ଲକ ଅଫିସ ଆଗରେ ଭାଜପା ରାଜ୍ୟ ସମ୍ପାଦକ ଉଦ୍‌ବୋଧନ ଦେଉଛନ୍ତି।

ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ବିଜେଡ଼ି କର୍ମୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ କରି ଏଥିରୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସ୍ପଷ୍ଟ ବାରି ହୋଇପଡ଼ିଛି ବୋଲି ସେ କହିଥିଲେ। ଭୁକ୍ତା ବସଷ୍ଟାଣ୍ଡରୁ ବିଶାଳ ଶୋଭାଯାତ୍ରାରେ ବାହାରି ଭାଜପା କର୍ମୀ ଏବଂ ଲୋକେ ବ୍ଲକ ଅଫିସକୁ ଆସି ଘେରାଉ ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ବିଡ଼ିଓ ଶଙ୍କର ବାଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭାଜପା ଜିଲା ଉପସଭାପତି ସୁଶାନ୍ତ ମିଶ୍ର, ପ୍ରତାପ ପ୍ରଧାନ, ପ୍ରହଲ୍ଲାଦ ଖମାରୀ, ବଳରାମ ସା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ମହେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ବରଗଡ଼ (ପ୍ରେମାନନ୍ଦ ଖମାରୀ): ଅମ୍ବାଭୋନା ବ୍ଲକ ଚିଚୋଲି-ପ୍ରକାଶପୁର ମାଉସୀ ମନ୍ଦିର ପରିସରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଛି। ବନ୍ଧର, ନଳିଚୂଆଁ ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଦିବସରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ସ୍ଥାନୀୟ ମହିମା ଆଶ୍ରମ ପରିସରରେ ରହିଥିବା ପୋଖରୀରୁ ପୂଜାର୍ଚ୍ଚନା କରି ପୂର୍ଣ୍ଣ କଳସ ଧରି ଯଜ୍ଞସ୍ଥଳୀକୁ ପହଞ୍ଚିଥିଲେ। ପଣ୍ଡିତ ସୁଶିଲ କୁମାର ଦାଶ ପୂଜାର୍ଚ୍ଚନା କରିଥିଲେ। ପଦ୍ମଲୋଚନ ସେଠ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ଛତିଶଗଡ଼, ଓଡ଼ିଶାର ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରିଥିଲେ।



### ସଂକ୍ଷେପରେ

## କାଠ ଜବତ କଲା ବନବିଭାଗ: ୩ ଗିରଫ

ରାଉରକେଲା,୨୨।୧୧(ସଙ୍ଗୀତା ଜେନା): ରାଉରକେଲା ବନବିଭାଗ ଅନ୍ତର୍ଗତ ଲାଠିକଟା ଏରଗେଡ଼ା ଅଞ୍ଚଳରେ ବିପୁଳ ଚୋରା କାଠ ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୧୨୦ ସିଏଫଟି କାଠଖଣ୍ଡ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଏରଗେଡ଼ାର ଇସ୍ତାକ ଅଲ୍ଲୀ, ସୋହମ୍ ସାଣ୍ଡିଲ୍ ଓ ଶିବମ୍ ଲୋହାର। ବିଭାଗ ପକ୍ଷରୁ ମାମଲା(ନଂ ୧୪୦/୨୩,୧୪୧/୨୩ ଓ ୧୪୨/୨୩) ରୁଜୁ କରି ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିଲା।

## ଘର ବିକ୍ରୟ କରିବାକୁ କହି ଠକିନେଲେ ୫୩ ଲକ୍ଷ

ରାଉରକେଲା,୨୨।୧୧(ସଙ୍ଗୀତା ଜେନା): ସେକ୍ଟର-୨ର ଏକ ପ୍ରତିଷ୍ଠିତ କଲେଜରେ ଚାକିରି କରି ଅବସର ଗ୍ରହଣ କରିଥିବା ଜଣେ ଅଧ୍ୟାପିକାଙ୍କୁ କୋଏଲନଗରର ଜଣେ ବ୍ୟକ୍ତି ବାସଗୃହ ବିକ୍ରୟ କରିବାକୁ କହି ୧୯ ମାସ ପୂର୍ବେ ପ୍ରାୟ ୫୩ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଉକ୍ତ ଘର ରେଜିଷ୍ଟ୍ରି କରିବାକୁ ଧରାଛୁଆଁ ଦେଇ ନ ଥିଲେ। ଏଥିରେ ଅତିଷ୍ଠ ହୋଇ ଅଧ୍ୟାପିକା ଝିରପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ପୋଲିସ ମଙ୍ଗଳବାର ଟଙ୍କା ନେଇଥିବା ବ୍ୟକ୍ତି ଓ ତାଙ୍କ ପରିବାରବର୍ଗଙ୍କୁ ଆଣି ଥାନାରେ ଅଟକ ରଖିଥିଲେ। ଶେଷରେ ଅଟକ ରହିଥିବା ବ୍ୟକ୍ତି ୨ ଦିନ ମହଲତ ମାଗିଥିଲେ। ୨ ଦିନ ମଧ୍ୟରେ ସେଲ୍ ଡିଡ୍ ତିଆରି କରିବା ପାଇଁ ପୋଲିସ କହିଥିଲା। ପରେ ଅଟକ ପରିବାରକୁ ପୋଲିସ ଛାଡ଼ିଥିଲା। ସୂଚନାଯୋଗ୍ୟ, ଉକ୍ତ ଅଧ୍ୟାପିକା କୋଏଲନଗର ଏ ବ୍ଲକରେ ସ୍ୱାମୀ ଓ ପରିବାର ସହ ରୁହନ୍ତି। କୋଏଲନଗର ଇ ବ୍ଲକରେ ଥିବା ଏକ ଦ୍ୱିତାଲା ଘରକୁ ସେ କିଣିବା ପାଇଁ ଘରମାଲିକଙ୍କୁ ୩ଟି କିସ୍ତିରେ ମୋଟ ୫୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଘର ମାଲିକ ଘର ବିକିବା ପାଇଁ ଧରାଛୁଆଁ ଦେଇ ନ ଥିଲେ।

## ଆଇନଜୀବୀ ଚନ୍ଦ୍ରକାନ୍ତ ବାରିକଙ୍କ ପରଲୋକ

**ସୋହେଲା,୨୨।୧୧(ଅଶ୍ୱିନୀ କୁମାର ପାତ୍ର):** ବରଗଡ ଜିଲା ସୋହେଲା କୋର୍ଟରେ କାର୍ଯ୍ୟରତ ଓକିଲ ଚନ୍ଦ୍ରକାନ୍ତ ବାରିକଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ବର୍ଷ ହେଉଥିଲା। ମଙ୍ଗଳବାର ସକାଳେ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ ପରିବାର ଲୋକେ ବରଗଡର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ସନ୍ଧ୍ୟାରେ ସୋହେଲା ଓକିଲ ସଂଘ ଭବନକୁ ଅଣାଯାଇଥିଲା। ସଂଘ ସଭାପତି ଅଶୋକ ବାରିକ, ସମ୍ପାଦକ ମିର୍ଜା ଆକବର ବେଗ, ଜେଏମ୍‌ଏଫସି ରୋହିତ ରଞ୍ଜନ ମିଶ୍ର, ସବ୍‌ଜଜ ଅନୁପ ସ୍ୱରୂପ ସେଠ, ସମସ୍ତ ଓକିଲ, ମୋହରି ସଂଘର ସଭାପତି ବିବେକା ନାୟକ, ବରିଷ୍ଠ ମୋହରି ରାମ ପ୍ରଧାନ, ଅଭିମନ୍ୟୁ ପଧାନ ଓ ମୋହରିର, କୋର୍ଟ ବାବୁ ଜତିଲାଲ ବାଗ ଓ କୋର୍ଟଷ୍ଟାଫ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବାରିକ ସୋହେଲା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଷଡାନନ ବାରିକଙ୍କ କନିଷ୍ଠ ପୁତ୍ର। ସେ ୨୦୦୧ରୁ ସୋହେଲା କୋର୍ଟରେ ଓକିଲାତି କରୁଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୈତୃକ ଗ୍ରାମ ବଡ଼ମାଲ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତୁରା ଅରୁଣ ବାରିକ ମୁଖାଗ୍ନି ଦେଇଥିଲେ। ତାଙ୍କ ପତ୍ନୀ ପିଙ୍କି ଦୁଇ ଝିଅ,ବାପା ଷଡାନନ ବାରିକ, ୪ଭାଇ ଓ ଭାଉଜ ଝିଆରୀ, ପୁତୁରାଙ୍କୁ ଛାଡିଯାଇଛନ୍ତି। ବୁଧବାର ଓକିଲ ସଂଘ ହଲରେ ସଭାପତି ଅଶୋକ ବାରିକଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ବାରିକଙ୍କୁ ସମ୍ମାନ ସ୍ୱରୂପ ବୁଧବାର କୋର୍ଟ କାମରୁ ଓକିଲମାନେ ବିରତ ହୋଇଥିଲେ। ସ୍ୱର୍ଗତ ବାରିକଙ୍କ ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଗଭୀର ଶୋକପ୍ରକାଶ କରିଛନ୍ତି।

# ବନବିଭାଗ ପକ୍ଷରୁ ଜୈବ ବିବିଧତା ଅନୁଧ୍ୟାନ

**ରାଉରକେଲା,୨୨।୧୧(ସଙ୍ଗୀତା ଜେନା)**

ଜଳବାୟୁ ପରିବର୍ତ୍ତନ, ପରିବେଷ ପ୍ରଦୂଷଣ, ଜଙ୍ଗଲ ହ୍ରାସ ଓ ପ୍ରାକୃତିକ ସନ୍ତୁଳନ ବିଗିଡ଼ିବା ଯୋଗୁ ଜଙ୍ଗଲରେ ପ୍ରାକୃତିକ ବୃକ୍ଷଲତା ନଷ୍ଟ ହେଉଛି। କେତେକ ପ୍ରଜାତିର ବୃକ୍ଷଲତା ଲୋପ ପାଇଥିବା ବେଳେ କେତେକ ଲୁପ୍ତ ହେବାକୁ ବସିଲେଣି। ଏହାକୁ ନେଇ ତୃଣମୂଳ ସ୍ତରରେ ଗବେଷଣା, ଅନୁଧ୍ୟାନ ଓ ଅଧ୍ୟୟନ କରିବା ଉଦ୍ଦେଶ୍ୟରେ ପ୍ରକ୍ରିୟା ଜାରି ରହିଛି। ବୈଜ୍ଞାନିକମାନେ ଏହା ଉପରେ ଗବେଷଣା କରୁଛନ୍ତି। ଏହି କ୍ରମରେ ରାଉରକେଲା ବନବିଭାଗରେ ଥିବା ଜଙ୍ଗଲଗୁଡ଼ିକରେ ଅନୁଧ୍ୟାନ ଆରମ୍ଭ ହୋଇଛି। କଟକସ୍ଥିତ ଅମ୍ବିକା ପ୍ରସାଦ ରିସର୍ଚ୍ଚ ଫାଉଣ୍ଡେସନ୍ ଏଣ୍ଡ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ଏହି ଗବେଷଣା ଆରମ୍ଭ କରାଯାଇଛି। ଗତ ୨୦ ତାରିଖରୁ ଏହା ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ କରାଯିବ। ପ୍ରଥମ ଥର ପାଇଁ ରାଉରକେଲା ବନବିଭାଗ




ଦକ୍ଷିଣ ଓ ଉତ୍ତର ଚିରୁବେଡା ଜଙ୍ଗଲରେ ଅନୁଧ୍ୟାନ କରୁଥିବା ଟିମ୍ ସଦସ୍ୟ

ପକ୍ଷରୁ ଏହିଭଳି ପ୍ରୟାସ କରାଯାଇଛି। ଗବେଷଣା ପରେ ଏହାକୁ ଏକ ପୁସ୍ତକର ସ୍ୱରୂପ ପ୍ରଦାନ କରାଯିବ ବୋଲି ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ ବୁଧବାର ସୂଚନା ଦେଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ଡ. ସଞ୍ଜିତ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭ ଛାତ୍ରୀଛାତ୍ର ବିଭିନ୍ନ ଗୁଳ୍ମ, ବୃକ୍ଷଲତା, ଗଛ ଆଦିର ଗବେଷଣା କରିବା ସହ ସ୍ଥାନୀୟ ଲୋକଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାର ବ୍ୟବହାର, ଉପଯୋଗିତା, ଔଷଧୀୟ ଗୁଣ ଅବଗତ ହେବା ପରେ ଏହାକୁ ଲିପିବଦ୍ଧ କରୁଛନ୍ତି। ଏଥିରେ ବିଭିନ୍ନ ଔଷଧୀୟ ବୃକ୍ଷଲତା, ଅର୍କିଡ଼, ଘାସ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ତାଲିକାଭୁକ୍ତ କରାଯାଉଛି। ମଙ୍ଗଳବାର ସୀମାନ୍ତ ଝାଡଖଣ୍ଡ ଜରେଇକେଲା ସଂଲଗ୍ନ ସରଣ୍ଡା ଜଙ୍ଗଲ ପରିବେଷ୍ଟିତ ସଂରକ୍ଷିତ ଜଙ୍ଗଲ ବିଶ୍ରା ବ୍ଲକ ଉତ୍ତର ଓ ଦକ୍ଷିଣ ଚିରୁବେଡ଼ାରେ ଉକ୍ତ ଅନୁଧ୍ୟାନ ଆରମ୍ଭ ହୋଇଥିଲା। ସେହିପରି ବୁଧବାର ରାଜଗାଙ୍ଗପୁରସ୍ଥିତ ମାଲେଡିହି, ସୋନାଖାନ୍ ଆଦିରେ ଗବେଷଣା କରାଯାଇଥିଲା। ଆଗାମୀ ଦିନରେ ଝାରବେଡ଼ା, କାନଘର ସମେତ ସମସ୍ତ ରାଉରକେଲା ବନବିଭାଗ ଅନ୍ତର୍ଗତ ଜଙ୍ଗଲରେ ଏହି ଅନୁଧ୍ୟାନ କରାଯିବ। ସୂଚନାଯୋଗ୍ୟ, ରାଉରକେଲା ବନବିଭାଗ ଭୌଗୋଳିକ ଅଞ୍ଚଳରେ ୧୦୮୩.୫୯୯ ବର୍ଗକିମି ଜଙ୍ଗଲ ଆଚ୍ଛାଦିତ ରହିଛି।

## ରକ୍ତଦାନ ଶିବିର: ୩୨ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଡାଙ୍ଗସ୍ଥିତ ରାଣୀସତୀ ମନ୍ଦିର ପରିସରରେ ମଙ୍ଗଳବାର ନିଷ୍ଠା ପରିବାର ଏବଂ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ୟାମ ଜନ୍ମ ଉତ୍ସବ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୩୨ୟୁନିଟ୍‌ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟ ଏବଂ ନିଷ୍ଠା ପରିବାର ସଦସ୍ୟବୃନ୍ଦ ପରିଚାଳନା କରିଥିଲେ। ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଶ୍ରୀ ଶ୍ୟାମ ନିଶାନ ସେବା ମଣ୍ଡଳ ଟ୍ରଷ୍ଟକୁ ସ୍ମୃତିଫଳକ, ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜସେବା ପାଇଁ ନିଷ୍ଠା ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଦୁର୍ନୀତି ବିରୋଧରେ ଭାଜପାର ଶୋଭାଯାତ୍ରା, ବିକ୍ଷୋଭ

**ରାଉରକେଲା,୨୨।୧୧(ବିପ୍ଳବରଞ୍ଜନ ଦାଶ)**

ପାନପୋଷ ସାଙ୍ଗଠନିକ ଜିଲା ଭାଜପା ତରଫରୁ ସହରରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ପ୍ରତିବାଦରେ ବୁଧବାର ଶୋଭାଯାତ୍ରା ସହ ବିକ୍ଷୋଭ କରାଯାଇଛି। ଦାବିପତ୍ର ମଧ୍ୟ ଦିଆଯାଇଛି। ସକାଳ ୧୦ଟାରେ ଉଦିତ ନଗର ଖେଳ ପଡିଆରୁ ଭାଜପା ନେତା ଏବଂ କର୍ମୀ ଏକତ୍ରିତ ହୋଇ ବିଶାଳ ଶୋଭାଯାତ୍ରାରେ ବାହାରି ଥିଲେ। ସହରରେ ସରକାରୀ ଦଳର ପ୍ରତିନିଧିତ୍ୱ ତୁଲାଉଥିବା ବିଧାୟକ ଏବଂ ମନ୍ତ୍ରୀଙ୍କର ଜାଣତରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବା ଦର୍ଶାଇ ଶାସକ ଦଳର ସ୍ଥାନୀୟ ନେତାମାନଙ୍କ ବିରୋଧରେ ନାରାବାଜୀ ଦେଇଥିଲେ। ଏହା ପରେ ଉଦିତ ନଗର ଛକ ସ୍ଥିତ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆର୍‌ଏମ୍‌ସି ଅଭିମୁଖେ ଯାତ୍ରା କରିଥିଲେ। ପରେ ଆରଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ସ୍ଥଳରେ ଭାଜପା ନେତା ଓ କର୍ମୀମାନେ ହକି ବିଶ୍ୱକପରେ ବହୁ କାର୍ଯ୍ୟରେ ଦୁର୍ନୀତି ହୋଇଥିବା, ମୁଖ୍ୟରାସ୍ତା ମରାମତି ନାଁରେ ୧୧କୋଟି ଟଙ୍କା ଚଳୁ ହୋଇଥିବା, ମୁକ୍ତା ଯୋଜନାରେ ଦୁର୍ନୀତି



ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ହୋଇଥିବା ଅଭିଯୋଗ କରିଥିଲେ। ସ୍ମାର୍ଟସିଟି ନାଁରେ ସହରର ବିଭିନ୍ନ ଗଳିକନ୍ଦିରେ ଚିତ୍ରପଟ କାମରେ ବ୍ୟାପକ ହରିଲୁଟ ହେଉଥିବା ଦର୍ଶାଇଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଉତ୍ତରଦାୟୀ କରିଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପା ନେତା ଓ କର୍ମୀମାନେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଡା. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ରାଜ୍ୟ ଭାଜପା ମୁଖପାତ୍ର ଧିରେନ ସେନାପତି, ଲତିକା ପଟ୍ଟନାୟକ, ଜଗବନ୍ଧୁ ବେହେରା, ପ୍ରମିଳା ଦାସ, ପୂର୍ଣ୍ଣିମା କେରକେଟା, ଭଗବାନ ରାଉତ, ପ୍ରବାଳ ବାରିକ, ଦିଲ୍ଲୀପ ଦାସଙ୍କ ସମେତ ଜିଲାର ଯୁବମୋର୍ଚ୍ଚା ସଭାପତି ସୂର୍ଯ୍ୟକାନ୍ତ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସାହୁଙ୍କ ସମେତ ମଣ୍ଡଳର ସମସ୍ତ ସଭାପତି, ମହିଳା ମୋର୍ଚ୍ଚା ସଭାପତି, ଜିଲା କାର୍ଯ୍ୟକାରିଣୀ ସଦସ୍ୟଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଭାଜପା ନେତା ଓ କର୍ମୀ ସମ୍ମିଳିତ ହୋଇଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା ଉପଲକ୍ଷେ ବିବିଧ କ୍ରୀଡ଼ା ପ୍ରତିଯୋଗିତା

**ରାଉରକେଲା,୨୨।୧୧(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସରକାରୀ ସ୍ୱୟଂ ଶାସିତ କଲେଜ ଖେଳ ପଡ଼ିଆରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉପଲକ୍ଷେ ସମନ୍ୱିତ ଯୁବ ବିକାଶ ଯୋଜନାରେ ଦ୍ୱି-ଦିବସୀୟ ବିବିଧ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମହାବିଦ୍ୟାଳୟର ମିନି ଷ୍ଟାଡିୟମରେ କ୍ରିକେଟ ଓ ଭଲିଭଲ ପ୍ରତିଯୋଗିତା ହୋଇଥିଲା। କ୍ରିକେଟ ପ୍ରତିଯୋଗିତାରେ କଲେଜର ସ୍ନାତକ ଓ ସ୍ନାତକୋତ୍ତର ଯୁକ୍ତ ତିନି ବର୍ଷ ମହିଳା ଦଳ ବିଜୟୀ ହୋଇଥିଲେ। ସେହିଭଳି ଭାବେ ଭଲିବଲ ପ୍ରତିଯୋଗିତାରେ ଯୁକ୍ତଦୁଇ ବାଳିକା ଓ ଯୁକ୍ତଦୁଇ ପ୍ରଥମ ବର୍ଷ ବାଳକ ଦଳ ବିଜୟୀ ହୋଇଥିଲେ। କ୍ରୀଡା ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ କବାଡି ପ୍ରତିଯୋଗିତା ହୋଇଥିଲା। ଏଥିରେ ଯୁକ୍ତଦୁଇ ବାଳିକା ଓ ବାଳକ ବର୍ଗ ବିଜୟ ହୋଇଥିଲେ। ସେହିଭଳି ସ୍ନାତକ ଏବଂ ସ୍ନାତକୋତ୍ତର ବାଳିକା ବର୍ଗର କବାଡିରେ ସ୍ନାତକ ଦ୍ୱିତୀୟ ବର୍ଷ ଦଳ ବିଜୟୀ ହୋଇଥିଲା ଏବଂ ବାଳକ ଯୁକ୍ତତିନି ଦ୍ୱିତୀୟ ବର୍ଷ ଦଳ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ସ୍ନାତକ ଓ ସ୍ନାତକୋତ୍ତର ଦଳ ଓ ମହିଳା କର୍ମଚାରୀଙ୍କ ମଧ୍ୟରେ ହୋଇଥିବା କବାଡି ପ୍ରତିଯୋଗିତାରେ ସ୍ନାତକ ଓ ସ୍ନାତକୋତ୍ତର ଦଳ ବିଜୟୀ ହୋଇଥିଲେ। ଯୁକ୍ତଦୁଇ ବାଳକ ଓ ପ୍ରଥମ ବର୍ଷ ବାଳକ ବର୍ଗ ଦଳ ଫୁଟବଲରେ ଯୁକ୍ତଦୁଇ ବାଳକ ଦଳ ଓ ଯୁକ୍ତଦୁଇ ବାଳକ ବର୍ଗ ସହ କର୍ମଚାରୀ ଓ ଅଧ୍ୟାପକ ବର୍ଗ ଫୁଟବଲ ଖେଳରେ ଯୁକ୍ତଦୁଇ ବାଳକ ବର୍ଗ ଦଳ ବିଜୟୀ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ସ୍ନାତକ ଏବଂ ସ୍ନାତକୋତ୍ତର ପୁରୁଷ ବର୍ଗଙ୍କ ମଧରେ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଫୁଟବଲରେ ସ୍ନାତକ ବର୍ଗର ପ୍ରଥମ ବର୍ଷ ଓ ଭଲିବଲରେ ସ୍ନାତକୋତ୍ତର ପୁରୁଷ ଦଳ ବିଜୟୀ ହୋଇଥିଲା। କ୍ରୀଡା ପ୍ରତିଯୋଗିତା ସରକାରୀ ସ୍ୱୟଂ ଶାସିତ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ବିଜୟ କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ କ୍ରମେ ଆୟୋଜିତ ହୋଇଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା/ଅଧ୍ୟାପକ ସହଯୋଗ କରିଥିଲେ।



ଯୁବ ବିକାଶ ଯୋଜନାରେ କବାଡି ଖେଳ ଚାଲିଛି।

## ଅଗ୍ନି ନିର୍ବାପନା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା,୨୨।୧୧(ବିପ୍ଳବରଞ୍ଜନ ଦାଶ)**

ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ଦ୍ୱାରା ସେକ୍ଟର-୧୯ ସ୍ଥିତ ଇସ୍ପାତ ବିଦ୍ୟା ମନ୍ଦିର ପରିସରରେ ଅଗ୍ନି ନିର୍ବାପନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଇସ୍ପାତ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଆଶିଷ ଉଦ୍‌ଗାତା ଓ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ସମେତ ପ୍ରାୟ ୧୫୦ ଛାତ୍ରୀଛାତ୍ର ସମ୍ମିଳିତ ରହିଥିଲେ। ଅଗ୍ନିଶମ ସେବା ବିଭାଗର ଏଜିଏମ ଏମ୍‌ଆଇ ସୋଙ୍କୁସାରେଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ବିଭାଗର ଏକ ଦଳ ସାଧାରଣ ଅଗ୍ନି, ତୈଳ ଜନିତ ଅଗ୍ନି, ଗ୍ୟାସ ଜନିତ ଅଗ୍ନି ସହିତରେ ଆନୁସାଙ୍ଗିକ ଅଗ୍ନୀ ନିର୍ବାପନା ପ୍ରଣାଳୀ, ବିଭିନ୍ନ ଅଗ୍ନି ନିର୍ବାପକ ଉପକରଣ ତଥା ଅଗ୍ନିକାଣ୍ଡଜନିତ ମାମଲା ଓ ଉଦ୍ଧାର ପଦ୍ଧତି ବିଷୟରେ ଅବଗତ କରାଇଥିଲେ। ବିଭିନ୍ନ ପ୍ରକାରର ଅଗ୍ନି ନିର୍ବାପକ ଯନ୍ତ୍ର ଯଥା ଜଳ, ଫୋମ, ଡିସିପି ଅଗ୍ନି ନିର୍ବାପକ ଯନ୍ତ୍ର, କାର୍ବନ ଡାଇଅକ୍ସାଇଡ ଅଗ୍ନି ନିର୍ବାପକ ଯନ୍ତ୍ରାଦିର ଉପଯୁକ୍ତ ବ୍ୟବହାର କୌଶଳ ଏବଂ ଅଭ୍ୟାସ ଉପରେ ବ୍ୟବହାରିକ ପ୍ରଦର୍ଶନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଗ୍ନିଶମ ସେବା ବିଭାଗର ମହାପ୍ରବନ୍ଧକ ଜେ.ବି ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।



ଅଗ୍ନି ନିର୍ବାପନା ଜନିତ କୌଶଳ ତାଲିମ ଦିଆଯାଉଛି।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ପଦ୍ମପୁର, ୨୨।୧୧(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ଅଧକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧରେ ଚିତ୍ରାଙ୍କନ, ବ୍ୟଙ୍ଗଚିତ୍ର, ଥେମାଟିକ ଆର୍ଟ ଏବଂ କ୍ଷୁଦ୍ର ଗଳ୍ପ ପ୍ରସ୍ତୁତି ପ୍ରତିଯୋଗିତା କରାଯାଇଥିଲା। ମୋଟ ୧୪୮ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଅଶୋକ ବହିଦାର, ଦେବଦତ୍ତ ଜଗନ୍ନାଥ ସେଠ, ଯଦୁମଣି ନାୟକ, ଅମୂଲ୍ୟ ସିକନ୍ଦର, ଗିରଧାରି ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ।

## ଅଗଣାରେ ପଡ଼ି ଯୁବତୀ ମୃତ

ରାଉରକେଲା/ ବେଦବ୍ୟାସ, ୨୨।୧୧ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ): ମଙ୍ଗଳବାର ଗୋପପାଲୀର ଜଣେ ଯୁବତୀ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ଅଗଣାରେ ବସିଥିଲେ। ହଠାତ୍ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଉଛନ୍ତି ସେନକା ଟପ୍ପୋ(୪୨)। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## କଳାପାଣି କପ୍ ଫୁଟ୍‌ବଲ ଉଦ୍‌ଘାଟିତ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣିଠାରେ ସ୍ଥାନୀୟ ଏଭରଗ୍ରୀନ ୟୁଥ୍ ଆସୋସିଏଶନ ଆନୁକୂଲ୍ୟରେ କଳାପାଣି କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୁଶିଲ କୁମାର ଦାଶ, ସରପଞ୍ଚ ବିପିନ ପ୍ରଧାନ, ସମିତି ସଭ୍ୟ ସୋମନାଥ ସାହୁ, ମାନଭଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କୁର୍ଲା ଏବଂ ବରଗଡ଼ ମର୍ଣ୍ଣିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ କୁର୍ଲା ଦଳ ବିଜୟୀ ହୋଇଥିଲା। ବାସୁଦେବ ଦାଶ, ଗୋପାଳ ନାଏକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

# ଭାଜପାର ବ୍ଲକ ଅଫିସ ଘେରାଉ

**ବରଗଡ଼,୨୨।୧୧(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ବିରୋଧରେ ବୁଧବାର ଭାଜପା ପକ୍ଷରୁ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଦଳର ରାଜ୍ୟ ସମ୍ପାଦକ ଇରାସିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହୋଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ, ଲୋକେ ଯୋଗଦାନ କରିଥିଲେ। ବ୍ଲକ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇ ଭାଜପା ରାଜ୍ୟ ସମ୍ପାଦକ ଆଚାର୍ଯ୍ୟ କହିଥିଲେ, ରାଜ୍ୟରେ ଦିନକୁ ଦିନ ଦୁର୍ନୀତି, ବ୍ୟଭିଚାର, ଅଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବଢ଼ିବାରେ ଲାଗିଛି।



ଅମ୍ବାଭୋନା ବ୍ଲକ ଅଫିସ ଆଗରେ ଭାଜପା ରାଜ୍ୟ ସମ୍ପାଦକ ଉଦ୍‌ବୋଧନ ଦେଉଛନ୍ତି।

ଅମ୍ବାଭୋନା ଥାନା ଭଙ୍ଗାରୁଜା ଘଟଣାରେ ବିଜେଡ଼ି କର୍ମୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ କରି ଏଥିରୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସ୍ପଷ୍ଟ ବାରି ହୋଇପଡ଼ିଛି ବୋଲି ସେ କହିଥିଲେ। ଭୁକ୍ତା ବସଷ୍ଟାଣ୍ଡରୁ ବିଶାଳ ଶୋଭାଯାତ୍ରାରେ ବାହାରି ଭାଜପା କର୍ମୀ ଏବଂ ଲୋକେ ବ୍ଲକ ଅଫିସକୁ ଆସି ଘେରାଉ ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ ବିଡ଼ିଓ ଶଙ୍କର ବାଗଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭାଜପା ଜିଲା ଉପସଭାପତି ସୁଶାନ୍ତ ମିଶ୍ର, ପ୍ରତାପ ପ୍ରଧାନ, ପ୍ରହଲ୍ଲାଦ ଖମାରୀ, ବଳରାମ ସା ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଜମନକିରା,୨୨।୧୧:(ରବୀନ୍ଦ୍ର ପ୍ରସାଦ ଦାନି): ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ଅଭିଯାନର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହାସହ ଷଣ୍ଢପଥର ବଜାର ଓ ଗ୍ରାମର ସମସ୍ତ ନଳକୂପ ଚତୁଃପାର୍ଶ୍ୱ ସଫା କରିବା ସହିତ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପ୍ରଧାନ, ତୃପ୍ତି ପଟେଲ, ମଧୁସ୍ମିତା ବେହେରା, ସୁନିତା ବେହେରା, ଅର୍ପିତା ରାୟ, ସଂଯୁକ୍ତା ମୁଦୁଲି ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ରେଞ୍ଜ କାର୍ଯ୍ୟାଳୟରେ ମା' ଜଗଦ୍ଧାତ୍ରୀ ପୂଜା

ଜମନକିରା,୨୨।୧୧(ରବୀନ୍ଦ୍ର ପ୍ରସାଦ ଦାନି): ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ଭୋଜପୁର ରେଞ୍ଜ କାର୍ଯ୍ୟାଳୟରେ ବୁଧବାର ମା' ଜଗଦ୍ଧାତ୍ରୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇଥିଲେ। ପୂଜାରେ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହିଥିଲେ। ପରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଫରେଷ୍ଟର ହେମନ୍ତ ମିଶ୍ର, ସୁନିତା ପଟେଲଙ୍କ ସହ ବନବିଭାଗ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

### ମନ୍ଦିରରୁ ଚୋରିବେଳେ ଅଭିଯୁକ୍ତଙ୍କୁ ଧରି ପୋଲିସକୁ ଦେଲେ ଲୋକେ

ରେଢ଼ାଖୋଲ,୨୨।୧୧(ଅଚ୍ୟୁତାନନ୍ଦ ପୁରୋହିତ): ରେଢ଼ାଖୋଲ ବ୍ଲକ କଦଳିଗଡ ଶିବ ମନ୍ଦିରରୁ ମଙ୍ଗଳବାର ରାତିରେ ଚୋରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଏମ ମାମଲା (ନଂ.୨୬୫/୨୩) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ତେନ୍ତୁଳିପଦା ଗ୍ରାମର ଅଙ୍କୁର ପ୍ରଧାନ ବୋଲି ପୋଲିସ କହିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଯାଇଛି। ସୂଚନାମତେ ଅଙ୍କୁର କଦଳିଗଡ ଶିବମନ୍ଦିର ତାଲାଭାଙ୍ଗି ଘଣ୍ଟ, ପିତଳ ନାଗ, ପିତଳ ଥାଳି ଆଦି ଚୋରିକରି ନେଉଥିବା ବେଳେ ଗ୍ରାମବାସୀଙ୍କ ହାବୁଡରେ ପଡିଥିଲେ। ପୋଲିସ ଚୋରି ଜିନିଷ ଉଦ୍ଧାର କରି ମନ୍ଦିର ପୂଜକଙ୍କ ଜିମା ଦେଇଥିବା ପୋଲିସ କହିଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

ରେଙ୍ଗାଲି,୨୨।୧୧(ଦେବବ୍ରତ ପଣ୍ଡା): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କତରବଗା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ଓଝା ମୁଖ୍ୟଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ଲିଙ୍ଗରାଜ ଦୀପ, ପୂର୍ବତନ ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ସୁସ୍ଥ ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

## 'ନୂତନ ଭାରତର ନୂତନ ଶିକ୍ଷାନୀତି' ଉଦ୍‌ଘାଟନକଲେ ରାଷ୍ଟ୍ରପତି

ସମ୍ବଲପୁର,୨୨।୧୧(ପ୍ରମୋଦ ବହିଦାର):

ସୁସ୍ଥ ସମାଜ ଗଠନରେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ମାଧ୍ୟମରେ ହିଁ ଏକ ବିକଶିତ ଭାରତ ଗଠନ ସମ୍ଭବ। ସମ୍ବଲପୁର ପ୍ରଧାନପାଲିସ୍ଥିତ ପାବନ ସରୋବରଠାରେ ବୁଧବାର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ନୂତନ ଭାରତର ନୂତନ ଶିକ୍ଷାନୀତି' ଅଭିଯାନକୁ ଉଦ୍‌ଘାଟନକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ସମାନତା ଓ ସହାନୁଭୂତି ଭଳି ନୈତିକ ଏବଂ ମାନବିକ ମୂଲ୍ୟବୋଧ ଆମ ସଂସ୍କୃତିର ମୂଳଦୁଆ। ଯୁବପିଢ଼ି ଏହି ନୈତିକ ଶିକ୍ଷାଜନିତ ମହାନ୍ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ। ଏକ ଉନ୍ନତ ଓ ବିକଶିତ ସମାଜ ଗଠନ ପାଇଁ ସମାଜରେ ଅବହେଳିତ, ନିଷ୍ପେଷିତ ବର୍ଗଙ୍କ ସହ ନିଜ ମାତାପିତାଙ୍କ ଯତ୍ନ ନେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷା ହିଁ ଯୁବପିଢ଼ିଙ୍କ ମଧ୍ୟରେ ଉକ୍ତ ଆଦର୍ଶ ଓ ମୂଲ୍ୟବୋଧ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିପାରିବ। ଚରିତ୍ର ନିର୍ମାଣ, ଆତ୍ମ ଅନୁଭବ ଓ ଦିବ୍ୟ ଅନୁଭୂତି ମାଧ୍ୟମରେ ସୁଖ, ଶାନ୍ତି ଓ ଆନନ୍ଦର ମାର୍ଗକୁ ସୁଗମ କରିବାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭୂମିକାକୁ ସେ ଭୂୟସୀ ପ୍ରଶଂସା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ଜାତୀୟ ସଙ୍ଗୀତରୁ ଶୁଭାରମ୍ଭ ହୋଇଥିବା ଉତ୍ସବରେ ଅତିଥିଭାବେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରେଙ୍ଗାଲି ବିଧାୟକ ନାଉରି ନାଏକଙ୍କ ସମେତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟ ଆବୁ ଶିକ୍ଷା ବିଭାଗ ଉପାଧ୍ୟକ୍ଷା ବ୍ରହ୍ମାକୁମାରୀ ଶିଲୁ, ପଶ୍ଚିମ ଓଡ଼ିଶା ଉପକେନ୍ଦ୍ର ଅତିରିକ୍ତ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ବିନି, ପଶ୍ଚିମ ଓଡ଼ିଶା ଉପକେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ, ବ୍ରହ୍ମାକୁମାର ନଥମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ଲିନା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବ୍ରହ୍ମାକୁମାରୀ ଦୀପାଙ୍କ ସଂଯୋଜନାରେ ନୃତ୍ୟ ଓ ସଙ୍ଗୀତ ସହ ରାଜଯୋଗ ଆୟୋଜିତ ହୋଇଥିଲା। ଏଥିରେ ପଶ୍ଚିମ ଓଡ଼ିଶାର ପ୍ରାୟ ୪ ହଜାରରୁ ଅଧିକ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାର ଯୋଗଦେଇଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଖବରଦାତାଙ୍କୁ ବାରଣ
## ପ୍ରେସ୍ କ୍ଲବର ପ୍ରତିବାଦ, ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର,୨୨।୧୧ (ଭବାନୀ ଶଙ୍କର ଭୋଇ) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୨ଦିନଆ ସମ୍ବଲପୁର ଗସ୍ତକୁ ନେଇ ସାରା ଜିଲାରେ ଉତ୍ସାହ ଦେଖାଦେଇଥିଲା। ହେଲେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସ୍ଥାନୀୟ ଗଣମାଧ୍ୟମକୁ ପ୍ରଶାସନ ପକ୍ଷରୁ ଦୂରେଇ ରଖାଯିବା ନେଇ ସମ୍ବଲପୁର ପ୍ରେସ୍ କ୍ଲବ ପକ୍ଷରୁ ପ୍ରତିବାଦ କରାଯାଇଛି। ଏ ନେଇ ବୁଧବାର ପ୍ରେସ୍ କ୍ଲବ ପରିସରରେ ବୈଠକ କରି ଖବରଦାତାମାନେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପୋଲିସ ଓ ପ୍ରଶାସନର ଅସହଯୋଗ ଯୋଗୁ କିଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ ସେ ନେଇ ଆଲୋଚନା କରିଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତକରି ଘଟଣାର ପ୍ରତିବାଦ କରିଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ନିମନ୍ତ୍ରଣ କରାଗଲା ନାହିଁ। ଏପରି କି ଖବର ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ ନାମ ଓ ଫଟୋ ଦେବାକୁ କୁହାଯାଇଥିଲା। ହେଲେ ଶେଷ ମୁହୂର୍ତ୍ତରେ କାହାରିକୁ ପାସ୍ ଦିଆ ନ ଯିବା ସହ କାର୍ଯ୍ୟକ୍ରମ ସ୍ଥଳୀର ଆଖପାଖକୁ ମଧ୍ୟ ଯିବାକୁ ଦିଆଗଲା ନାହିଁ। ଏହାସତ୍ତ୍ୱେ ଖବରଦାତାମାନେ ବହୁ କଷ୍ଟରେ ନିଜ ଦାୟିତ୍ୱ ତୁଲାଇ ଖବର ପରିବେଷଣ କରିଥିଲେ। ପ୍ରଶାସନ ନିଜର ସୁବିଧା ଦେଖି ଗଣମାଧ୍ୟମକୁ ଡାକି ତଥ୍ୟ ଦେଉଥିବା ବେଳେ ରାଷ୍ଟ୍ରପତିଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମୟରେ ସହଯୋଗ ତ ଦୂରର କଥା ସାଧାରଣ ଲୋକ ପହଞ୍ଚିପାରୁଥିବା ଜାଗାକୁ ମଧ୍ୟ ପୋଲିସ ପୂରାଇ ନ ଦେବା ଦୁର୍ଭାଗ୍ୟର ବିଷୟ ବୋଲି ଖବରଦାତାମାନେ କ୍ଷୋଭ ପ୍ରକାଶ କରିଥିଲେ। ପରେ ପ୍ରେସ୍‌କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଭବାନୀଶଙ୍କର ଭୋଇ, କୋଷାଧ୍ୟକ୍ଷ ଶ୍ରବଣ ପତି, ଜ୍ଞାନବ୍ରତ ଭୋଇ, ଅନୀଲ ଶ୍ରୀରାମକା, ମନୋଜ ନାୟକ, ନରସିଂହ ବଗର୍ତ୍ତି, କୁନ୍ଦୁରୁ ଦାସ, ଦୁର୍ଗାଶଙ୍କର ବାଗ, ଶଙ୍କର ବେହେରା, ଗୁଣମଣି ବିଶ୍ୱାଳ, ପ୍ରୀତି ସୁନା, ମାନସ ସାହୁ, ଅମଳେନ୍ଦୁ ନାୟକ, ବୀରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ପ୍ରୋଟୋକଲକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗସ୍ତ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଥିଲା। ତେବେ ଗଣମାଧ୍ୟମ ପ୍ରତିନିଧି ଦେଇଥିବା ପ୍ରସ୍ତାବ ଅନୁସାରେ ଆଗକୁ ଭିଭିଆଇପି ଗସ୍ତ ସମୟରେ ଖବରଦାତାଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।


ପ୍ରେସ୍ କ୍ଲବ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ଡଙ୍ଗାଯୋର ଫୁଟ୍‌ବଲ: ରମାବାହାଲ ଚାମ୍ପିୟନ

କୁଚିଣ୍ଡା,୨୨।୧୧(ବିରଞ୍ଚି ଦର୍କା):

ବାମରା ବ୍ଲକ କିନାବଗା ପଞ୍ଚାୟତ ଡଙ୍ଗାଯୋର ଗ୍ରାମରେ ଚାଲିଥିବା ପାଞ୍ଚଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଡଙ୍ଗାଯୋର ସାହାରା କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ ଦେବଗଡ଼ ଜିଲାରୁ ମୋଟ ୩୨ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଡଙ୍ଗାଯୋର ବିଗବ୍ରଦର ଓ ସୁନ୍ଦରଗଡ଼ ଜିଲା ରମାବାହାଲ ମଧ୍ୟରେ ହୋଇଥିଲା। ଏଥିରେ ଡଙ୍ଗାଯୋରକୁ ୨-୦ ଗୋଲରେ ହରାଇ ରମାବାହାଲ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟବକ୍ତା, ଜିଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ, କ୍ଷୀରୋଦ ବେହେରା, ଇନ୍ଦ୍ର ବିଳାଶ ପଟେଲ, ସୁରେଶ ଲୁଗୁନ, ବିଷ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ରମାବାହାଲ ଦଳକୁ ଚାମ୍ପିୟନ କପ ସହ ନଗଦ ୧୫ ହଜାର ଟଙ୍କା ଓ ଡଙ୍ଗାଯୋର ଦଳକୁ ରନର୍ସଅପ କପ ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସାହାରା କ୍ଲବ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଖେଳାଳି।

# ମାନକୁଣ୍ଡାରେ ଜନଜାତି ଗୌରବ ଦିବସ

ନାକଟିଦେଉଳ,୨୨।୧୧ (ବୈକୁଣ୍ଠନାଥ ସାହୁ):

ନାକଟିଦେଉଳ ବ୍ଲକ ସାହେବୀ ପଞ୍ଚାୟତ ମାନକୁଣ୍ଡା ଗ୍ରାମରେ ମଙ୍ଗଳବାର ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମିଥୁନ ମୁଣ୍ଡା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ରାଜକିଶୋର ସାହୁ ମୁଖ୍ୟ ଅତିଥି, ବନବାସୀ କଲ୍ୟାଣ ଆଶ୍ରମର ସଙ୍ଗଠନ ସମ୍ପାଦକ ସମ୍ବଲପୁର ବିଭାଗର ଘନଶ୍ୟାମ ମୁଣ୍ଡା ମୁଖ୍ୟବକ୍ତା ଓ ସମ୍ବଲପୁର ବିଭାଗର ଜନଜାତି ସମ୍ପର୍କ ପ୍ରମୁଖ ସୁଶାନ୍ତ ମୁଣ୍ଡା, ନରସିଂହ ତଇଲାର ବୀର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ, ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ତୃଣମୂଳ ସ୍ତରରୁ ଜନଜାତି ବ୍ୟକ୍ତିମାନେ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଗ୍ରାମର ମାନସା ମୁଣ୍ଡା, ଦଶରଥ ମୁଣ୍ଡା, ବିର୍ସା ମୁଣ୍ଡା, ବୁଧୁ ମୁଣ୍ଡା ଏବଂ ଚନ୍ଦ୍ର ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ମାନକୁଣ୍ଡା, ଖମଣମୁଣ୍ଡା, ନରସିଂହତଇଲା, ସାହେବୀ ଗ୍ରାମର ଜନଜାତି ସମ୍ପ୍ରଦାୟର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

# ମହିଳା ମହାବିଦ୍ୟାଳୟରେ ନୂଆ-ଓ ଯୁବଉତ୍ସବ

ସମ୍ବଲପୁର,୨୨।୧୧(ବି.ଶଙ୍କର):

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ନୂଆ-ଓ ଯୁବଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶିତ ନୂଆ-ଓ କାର୍ଯ୍ୟକ୍ରମର ଆସନ୍ତା ଡିସେମ୍ବର ୧ରେ ଶେଷ ହେବ। ଏହି ଉତ୍ସବର ତିନୋଟି ପର୍ଯ୍ୟାୟରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ବିଭିନ୍ନ ପ୍ରତିଯୋଗିତା ପାଇଁ ଯୋଗ୍ୟତା ପର୍ଯ୍ୟାୟ ନଭେମ୍ବର ୧୫ରୁ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ପର୍ବ ଉତ୍ସବ ମାଧ୍ୟମରେ ହୋଇଛି। ବୁଧବାର ସକାଳ ୬ଟା ୩୦ ମିନିଟରେ ସଚେତନତା ରାଲି ହୋଇଥିଲା। ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକ ସବୁଜ ପତାକା ଦେଖାଇ ରାଲି ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ନୃତ୍ୟ, ସଙ୍ଗୀତ ଓ ଫ୍ୟାଶନ ଶୋ ସମସ୍ତଙ୍କ ମନ ମୋହିଥିଲା। ସମ୍ବଲପୁରୀ ବସ୍ତ୍ରର ଫ୍ୟାଶନ ଶୋ ଥିଲା ଉଦଘାଟନୀ ଦିବସର ମୁଖ୍ୟ ଆକର୍ଷଣ। ଆଧୁନିକ, ପାରମ୍ପରିକ ଓ ଆଦିବାସୀ ଶୈଳୀରେ ପରିଧାନ ପିନ୍ଧି ଛାତ୍ରୀ ମଡେଲମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ସଞ୍ଜୟ ପ୍ରସାଦ ପଟ୍ଟନାୟକ ଓ ଡ. ଜ୍ୟୋତ୍ସ୍ନାରାଣୀ ସେଠୀ ନୋଡାଲ ଅଧିକାରୀ ଭାବରେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।


ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ପଧାନପାଲି ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା

ପଡିଆବାହାଲ, ୨୨।୧୧(ରାଧାମୋହନ ଷଡ଼ଙ୍ଗୀ):

ଯୁଯୁମୁରା ବ୍ଲକ ବାହାମ ଗ୍ରାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ପରିବେଶ, ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୩୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାହାମ ଆଦିବାସୀ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନର୍ମଳ ଚନ୍ଦ୍ର ଭୋଇ ମୁଖ୍ୟଅତିଥି, ଖବରଦାତା ରାଧାମୋହନ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ବାହାମ ଆଦିବାସୀ ନୋଡାଲ ହାଇସ୍କୁଲ ଶିକ୍ଷକ ପରମେଶ୍ୱର ନାଏକ, ସ୍କୁଲ କମିଟି ସଭାପତି ସରୋଜ କୁମାର ମେହେର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ବର୍ଗରେ ଆରିୟନ ମେହେର ପ୍ରଥମ, ସର୍ମିଷ୍ଠା ମାଝି ଦ୍ୱିତୀୟ, ମୁକୁନ୍ଦ ମୁରାରି ସିଂହ ତୃତୀୟ ଏବଂ କନିଷ୍ଠ ବର୍ଗରେ ଶ୍ରାବଣୀ ମେହେର ଓ ଟିକ ବିଶ୍ୱାଳ ଯୁଗ୍ମ ପ୍ରଥମ, ସଞ୍ଜୟ ବାଗ ଦ୍ୱିତୀୟ ଓ ରୋଜି ଗର୍ଡ଼ିଆ ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ହୀରାକୁଦ ଷ୍ଟେଶନଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ସମ୍ବଲପୁର,୨୨।୧୧(ବି.ଶଙ୍କର):

ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ବୁଧବାର ହୀରାକୁଦ ରେଳ ଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବଳ (ଏନ୍‌ଡିଆର୍‌ଏଫ୍), ଓଡିଶା ବିପର୍ଯ୍ୟୟ ରାପିଡ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟ ସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ରେଳ ବିଭାଗ ଅଂଶଗ୍ରହଣ କରିଥିଲେ। ଏଥିରେ ରେଳ କୋଚ କାଟିବା ମେଶିନ, ଅଗ୍ନି ନିର୍ବାପକ ଭଳି ଆଧୁନିକ ଉପକରଣ ଇତ୍ୟାଦି ବ୍ୟବହାର କରାଯାଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ଅଭ୍ୟାସ ସ୍ଥଳ ପରିଦର୍ଶନ କରି ସମସ୍ତ ଅଂଶଗ୍ରହଣକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏ ନେଇ ବିନୀତ କହିଛନ୍ତି ଯେ, ଏହି ଅଭ୍ୟାସ ରେଳବାଇ ଓ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାରେ ସାହାଯ୍ୟ କରିବ। ରେଳମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ ଏସ୍. ଏସ୍. ନାୟକ ବିପର୍ଯ୍ୟୟ ପରିଚାଳନାରେ ଯୋଗ ଦେଇଥିବା ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ହୀରାକୁଦ ରେଳ ଷ୍ଟେଶନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ।

# ଶହେ ଚାଷୀଙ୍କଠାରୁ ୧୨,୭୦୦ ବସ୍ତା ଧାନ କ୍ରୟ

## ସମ୍ବଲପୁର ଜିଲାରେ ଖୋଲିଲା ମଣ୍ଡି

ସମ୍ବଲପୁର,୨୨।୧୧ (ଭବାନୀ ଶଙ୍କର ଭୋଇ)

ବୁଧବାର ସମ୍ବଲପୁର ଜିଲାରେ ଧାନମଣ୍ଡି ଖୋଲିଛି। ହେଲେ ଟୋକନ ପାଇ ନ ଥିବା ଯୋଗୁ ଅଧିକାଂଶ ମଣ୍ଡିରେ ଧାନ ଆସି ନ ଥିବା ନେଇ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ସକାଳେ ଜିଲାର ଗୁରୁତ୍ୱପୂର୍ଣ୍ଣ ବରେଇପାଲି ମଣ୍ଡିରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାୟକ, ଆର୍‌ଏମ୍‌ସି ସମ୍ପାଦକ ସୁବାସ ପଣ୍ଡା, ରେମେଡ ସେବା ସମବାୟ ସମିତି ସମ୍ପାଦକ ନିତେଶ ସାହୁ, ବରେଇପାଲି ଜୟଦୁର୍ଗା କୃଷକ ସଙ୍ଗଠନର ସଭାପତି ସୁଜିତ ବଡ଼ାଇ, ସମ୍ପାଦକ ସନ୍ତୋଷ ଭୋଇ, କୃଷକ ନେତା ଭୈରବ ପ୍ରଧାନ, ଦାମୋଦର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ମଣ୍ଡି ଖୋଲାଯାଇଥିଲା। ପ୍ରଥମ ଦିନ ଜିଲାରେ ମାତ୍ର ୧୦୦ ଜଣ ଚାଷୀ ମଣ୍ଡିରେ ପହଞ୍ଚିଥିଲେ। ସେମାନଙ୍କଠାରୁ ୧୨ ହଜାର ୭୦୦ ବସ୍ତା ଧାନ କ୍ରୟ କରାଯାଇଥିବା ଆର୍‌ଏମ୍‌ସି ସୂତ୍ରରୁ ଜଣାପଡିଛି। ବରେଇପାଲି ମଣ୍ଡିରେ ମାତ୍ର ୫ ଜଣ ଚାଷୀ ପହଞ୍ଚିଥିବା ବେଳେ ସେମାନଙ୍କଠାରୁ ୮୫୦ ବସ୍ତା ଧାନ ସଂଗ୍ରହ କରାଯାଇଛି। ସେହିପରି ସାହସପୁର ମଣ୍ଡିରେ ୫ ଚାଷୀଙ୍କଠାରୁ ୫୯୦ ବସ୍ତା, କରଡୋଳାରେ ୧୩ ଚାଷୀଙ୍କଠାରୁ ୧୫୫୦ ବସ୍ତା, ଗୋବିନ୍ଦପୁର ମଣ୍ଡିରେ ୪ ଚାଷୀଙ୍କଠାରୁ ୩୭୩ ବସ୍ତା, ଘେନୁପାଲି ମଣ୍ଡିରେ ୧୮ ଚାଷୀଙ୍କଠାରୁ ୨୬୮୫ ବସ୍ତା, ଚାଉଁରପୁର ମଣ୍ଡିରେ ୧୪ ଚାଷୀଙ୍କଠାରୁ ୧୯୮୩ ବସ୍ତା, କଟାପାଲି ମଣ୍ଡରେ ୩ ଚାଷୀଙ୍କଠାରୁ ୭୧୧ ବସ୍ତା, ବଡେମୁରା ମଣ୍ଡରେ ୧୨ ଚାଷୀଙ୍କଠାରୁ ୧୬୯୦ ବସ୍ତା, ଶାସନ ମଣ୍ଡିରେ ୩ ଚାଷୀଙ୍କଠାରୁ ୩୫୦ ବସ୍ତା, ଝାଙ୍କରପାଲି ମଣ୍ଡିରେ ୧୫ ଚାଷୀଙ୍କଠାରୁ ୧୪୧୫ ବସ୍ତା, ତାଲବ ମଣ୍ଡିରେ ୩ ଚାଷୀଙ୍କଠାରୁ ୪୭୦ ବସ୍ତା ଧାନ ସଂଗ୍ରହ କରାଯାଇଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁବାସ ପଣ୍ଡା ସୂଚନା ଦେଇଛନ୍ତି। ଜିଲାର ମୋଟ ୫୫ ମଣ୍ଡିରୁ ୧୭ଟି ମଣ୍ଡିରେ ଚାଷୀ ଧାନ ବିକ୍ରି କରିଥିଲେ।

### ମଣ୍ଡି ଖୋଲିଲା, ଚାଷୀ ଆସିଲେ ନାହିଁ

ବୁଧବାର ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଛି। ତେବେ ଜିଲାର ୫୫ ମଣ୍ଡିରୁ ୩୮ଟି ମଣ୍ଡିକୁ ଚାଷୀ ଆସି ନ ଥିଲେ କିମ୍ବା ଧାନ ଆଣିଥିଲେ ବି ଟୋକନ ସମସ୍ୟା ପାଇଁ ଧାନ ନ ବିକି ଘରକୁ ଫେରାଇ ନେଇଥିବା ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ କହିଛନ୍ତି। ପରମାଣପୁର, ତାଲବ, ମାନେଶ୍ୱର, କିନାଲୋଇ, ଲଇଡା, ରେଙ୍ଗାଲି, କତରବଗା, ବାରଡୁଙ୍ଗରୀ, ଝାଙ୍କରପାଲି, ମେଗପାଳ, କେଶାପାଲି, ହାତିବାରୀ, ଛାମୁଣ୍ଡା ଆଦି ମଣ୍ଡିଗୁଡିକୁ ଜଣେ ବି ଚାଷୀ ଆସି ନ ଥିବାରୁ ଏହି ଅଞ୍ଚଳରେ ଚାଷୀଙ୍କୁ ଟୋକନ ମିଳି ନ ଥିବା ସ୍ପଷ୍ଟ ହେଉଛି ବୋଲି ସମ୍ବଲପୁର ଜିଲା କୃଷକ ସୁରକ୍ଷା ସମିତି ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ୨୪ ତାରିଖ ସକାଳ ସୁଦ୍ଧା ଟୋକନ ସମସ୍ୟା ସମାଧାନ ନ ହେଲେ ସେଦିନ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ପାରିବାରିକ କଳହ ନେଇ ଯୁବକଙ୍କ ଆତ୍ମହତ୍ୟା

ଖଡ଼ିଆଳ,୨୨।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଇମୁଣ୍ଡି ଗ୍ରାମରେ ପରିବାରିକ କଳହକୁ ନେଇ ଯୁବକଙ୍କ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ଦୌଲତ ରାମ ଚଲାନ (୪୦)। ପୋଲିସ ସୂତ୍ରରୁ ପ୍ରକାଶ ଯେ ମୃତକଙ୍କ ପିତା ଗଙ୍ଗାସାଗର ଚଲାନଙ୍କ ଅଭିଯୋଗ ଅନୁଯାୟୀ ମୃତକ ଦୌଲତରାମ ମଙ୍ଗଳବାର ସକାଳେ ପରିବାରିକ କଳହକୁ ନେଇ ବାହାରକୁ ଚାଲିଯାଇଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ବୁଧବାର ସକାଳେ ଗ୍ରାମଠାରୁ ପ୍ରାୟ ୩ ଶହ ମିଟର ଦୂର ତେନ୍ତୁଳି ଗଛରେ ବେକରେ କପଡ଼ାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। କପଡା ଛିଣ୍ଡି ଯାଇଥିବାରୁ ମୃତଦେହ ଜମିରେ ପଡିଥିବା ଦେଖିବାକୁ ପାଇଥିଲେ। ଖଡ଼ିଆଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା (ନଂ.୩୪/୨୩) ରୁଜୁ କରି ଘଟଣାରେ ଅଧିକ ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ନବଘନ ଗୌଡ଼ ପ୍ରକାଶ କରିଛନ୍ତି। ମୃତକଙ୍କ ୩ ପୁଅଝିଅ ଓ ସ୍ତ୍ରୀ ଥିବା ଜଣାପଡିଛି।

### କେନ୍ଦୁଘାଟିରେ ଓଲଟି ପଡ଼ିଲା ଗାଡ଼ି: ଜଣେ ମୃତ, ୧୨ ଗୁରୁତର

ଏମ୍.ରାମପୁର,୨୨।୧୧(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ କେନ୍ଦୁଘାଟି ନିକଟରେ ଏକ ଗାଡ଼ି (ନଂ.ଓଡି୦୮ଟି-୦୬୬୭) ଓଲଟି ପଡିଛି। ଉକ୍ତ ଗାଡ଼ିରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଧୀନ ସୁନାଗାଁର ୧୪ଜଣ ମହିଳା ଓ ପୁରୁଷ ଏମ୍. ରାମପୁର ବ୍ଲକ ଅର୍ଏଁଲାପାଲି ଗ୍ରାମରୁ ନିଜ ଗ୍ରାମ ସୁନାଗାଁକୁ ଯାଉଥିବା ବେଳେ ରାତି ସାଢ଼େ ୮ଟାରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜନନୀ ପାତ୍ର (୫୦)ଙ୍କ ମୃତ୍ୟୁ ଘଟିଥିବାବେଳେ ମୁଖେଇ ପାତ୍ର, ଲକ୍ଷ୍ମୀ ମାଝି, ବିନ୍ଦୁମାଳି ପାତ୍ର ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକୁନ୍ତଳା ପାତ୍ର (କ), ପାଳଙ୍ଗି ମଳିକ, ସକୁନ୍ତଳା ପାତ୍ର (ଖ), ସୁବନ୍ତି ମଳିକ, ନୃପତି ପାତ୍ର, ଝୁନି ମାଝି, ପୁନେଇ ପାତ୍ର, ବୈଶାଖୀ ପାତ୍ର, ସୁମି ମାଝିଙ୍କ ଚିକିତ୍ସା ଚାଲିଛି। ଏଭଳି ଦୁର୍ଘଟଣା ସମୟରେ ଜଣେ ଡାକ୍ତର ଏକକାଳୀନ ୧୨ଜଣ ଗୁରୁତରଙ୍କୁ ଦେଖିବା ସହଜ ସାପେକ୍ଷ ନୁହଁ। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଶୂନ୍ୟ ହୋଇପଡିଥିବାବେଳେ ମଦନପୁର ଡାକ୍ତର ଲୋକନାଥ ସାହୁ ଓ ଉର୍ଲାଦାନୀ ଡାକ୍ତର ପଧାନଙ୍କୁ ଡେପୁଟେଶନରେ କାମ କରାଯାଉଛି। ଆଉ ଜଣେ ଦୁର୍ଘଟଣାଗ୍ରସ୍ତଙ୍କୁ ଘଟଣାସ୍ଥଳରୁ ଅଣାଯାଇପାରୁନାହିଁ। ଖବର ଲେଖା ସୁଦ୍ଧା ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ଜଣ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ତୁରନ୍ତ ଦୋକାନ ଗୃହ ଯୋଗାଅ

- ଜିଲାପାଳଙ୍କୁ ବିସ୍ଥାପିତ ଦୋକାନୀ ସଂଘର ଦାବିପତ୍ର
- ପ୍ରତିଶ୍ରୁତି ରଖୁନି ପୌରପାଳିକା

ଭବାନୀପାଟଣା,୨୨।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିସ୍ଥାପିତ ଦୋକାନୀମାନେ ବୁଧବାର ଦୋକାନ ଗୃହ ଯୋଗାଇ ଦେବା ପାଇଁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ଶୀଘ୍ର ଏହାର ସମାଧାନ କରା ନ ଗଲେ ପୁଣି ଥରେ ସ୍ଥାନୀୟ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି ସେମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭବାନୀପାଟଣା ବିସ୍ଥାପିତ ଦୋକାନୀ ସଂଘ କାର୍ଯ୍ୟକର୍ତ୍ତାମାନେ ଦୋକାନ ଗୃହ ଯୋଗାଇ ଦେବା ପାଇଁ ଗତବର୍ଷ ନଭେମ୍ବର ୧୫ ତାରିଖରୁ ପୌରପାଳିକା ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣାର ୪୭ଦିନ ପରେ ଭବାନୀପାଟଣା ପୌରପାଳିକା ପକ୍ଷରୁ ସ୍ଥାନୀୟ ଅଧକ୍ଷା ଓ ଅଧିକାରୀ ଦୋକାନ ଗୃହ ଯୋଗେଇ ଦେବା ପାଇଁ ସେମାନଙ୍କୁ ୬ ମାସ ସମୟ ମାଗିଥିଲେ। ଏହାପରେ ଧାରଣା ସ୍ଥଗିତ ହୋଇଥିଲା। ହେଲେ ଅଦ୍ୟାବଧି ୮ ମାସ ଯାଇ ବର୍ଷେ ପାଖାପାଖି ହେବାକୁ ବସିଲାଣି ହେଲେ ବିସ୍ଥାପିତ ଦୋକାନୀ ସଂଘ କାର୍ଯ୍ୟକର୍ତ୍ତାଙ୍କୁ ପୌରାପାଳିକା ପକ୍ଷରୁ ଦୋକାନ ଗୃହ ଯୋଗାଇ ଦିଆଯାଇନାହିଁ। ଫଳରେ ପୌରପାଳିକା ଅଧକ୍ଷା ଓ ଅଧିକାରୀ ପ୍ରତିଶ୍ରୁତି ଦେଇ ପ୍ରତଶ୍ରୁତି ପାଳନ କରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ଶ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିସ୍ଥାପିତ ଦୋକାନୀ ସଂଘ ସଭାପତି ରୋହିତ ଦୁର୍ଗାଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ମହାଦେବ ରାଉତ, ବିଶ୍ୱ ନାଥ ବାଗ, ସୁଶାନ୍ତ ଯୋଷୀ, ଅଶୋକ ଭାଟି, ସୁକାନ୍ତ ରାଜଗୁରୁ, ବସନ୍ତ ବରଗର୍ତ୍ତୀ, ସୁଶାନ୍ତ ଭାଟି, ସୁଦାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଭବାନୀପାଟଣା ସହରରେ ଥିବା ଗାନ୍ଧୀ ପାର୍କ, ଭବାନୀ ସିନେମା ହଲ ଛକ ସମ୍ମୁଖ ରାସ୍ତା ସୌନ୍ଦର୍ଯ୍ୟକରଣ, ସମ୍ପ୍ରସାରଣ କରିବା ପାଇଁ ସେଠାକାର ପୁରୁଣା ଦୋକାନ (କମ୍ପଲେକ୍ସ)ଗୁଡିକୁ ୨୦୧୫ରେ ସ୍ଥାନୀୟ ପୌରପାଳିକା ପକ୍ଷରୁ ଭଙ୍ଗା ଯାଇଥିଲା। ଅଦ୍ୟାବଧି ୮ବର୍ଷ ପରେ ଉକ୍ତ ବିସ୍ଥାପିତଙ୍କୁ ଭବାନୀପାଟଣା ପୌରପାଳିକା ତଥା ଜିଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇନାହିଁ। ଫଳରେ ସେମାନେ ଏବେ ଜୀବିକା ହରାଇ ଏବେ ଦୁର୍ଦ୍ଦିନରେ କାଳତିପାତ କରୁଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ମୁକ୍ତା ଯୋଜନାରେ ରାସ୍ତା ନିର୍ମାଣ କାମ ଶୁଭାରମ୍ଭ


ଶୋଚନୀୟ ରାସ୍ତା ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଉଛି।

କେସିଙ୍ଗା,୨୨।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିର ଦୀର୍ଘ ଦିନର ଶୋଚନୀୟ ରାସ୍ତାକୁ କେସିଙ୍ଗା ଏନ୍ଏସି ଅଧକ୍ଷ ନୃପରାଜ ଯାଦବ ମୁକ୍ତା ଯୋଜନାରେ ବୁଧବାର ନିର୍ମାଣ କାମର ଶୁଭାରମ୍ଭ କରିଛନ୍ତି। ଅଧକ୍ଷଙ୍କ ସମେତ କାଉନ୍ସିଲର ପ୍ରକାଶ ବନଛୋର, ଶମ୍ଭୁ ବରଗର୍ତ୍ତୀ ଓ ନଗର ସଭାପତି ରମେଶ ପଟ୍ଟନାୟକଙ୍କ ଉପସ୍ଥିତରେ ପୂଜାର୍ଚ୍ଚନା କରିଛନ୍ତି। ଏହି ରାସ୍ତା ଜାତୀୟ ରାଜପଥ ୨୬ ଦେଇ ନିୟନ୍ତ୍ରିତ ବଜାର କମିଟିକୁ ସଂଯୋଗ ହୋଇଛି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଫଳରେ ଲୋକମାନେ ନିୟନ୍ତ୍ରିତ ବଜାର କମିଟିକୁ ଖରିଫ ଧାନ ନେବାରେ ଅସୁବିଧା ହେଉଥିଲା। ଏ ନେଇ ସହରବାସୀ ଅଧକ୍ଷ ନିକଟରେ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଲୋକଙ୍କ ସମସ୍ୟା ଦୃଷ୍ଟିରେ ରଖି ଅଧକ୍ଷ ମୁକ୍ତା ଯୋଜନା ମାଧମରେ ରାସ୍ତା ନିର୍ମାଣ ହେବ। ରାସ୍ତା ଅତିଶୀଘ୍ର ନିର୍ମାଣ ଶେଷ କରିବାକୁ ମହିଳା ଗ୍ରୁପ ଓ ଠିକାଦାରଙ୍କୁ ଅଧକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ସମ୍ପୂର୍ଣ୍ଣ ହେଲେ ବହୁ ଚାଷୀଙ୍କ ସହ ଲୋକଙ୍କ ଗମନାଗମନ କ୍ଷେତ୍ରରେ ସୁବିଧା ହୋଇପାରିବ ବୋଲି ୱାର୍ଡବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏ ସଂକ୍ରାନ୍ତରେ ଏନ୍ଏସି ଅଧକ୍ଷଙ୍କୁ ପଚାରିବାରୁ ଏହି ରାସ୍ତା ଦୀର୍ଘ ବର୍ଷରୁ ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଲୋକଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ପାଇଁ ଶୁଭାରମ୍ଭ କରିଛି। ଅଳ୍ପ ଦିନ ମଧ୍ୟରେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ।

# ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ନୂଆପଡ଼ା,୨୨।୧୧(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁଲିଆବନ୍ଧାଠାରେ ବିଦ୍ୟାଳୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହେଇଯାଇଛି। ଏହି ପ୍ରଦର୍ଶନୀରେ ମୋଟ ୨୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେବକ ରାମ ପଟେଲ, ସାମାଜକ କର୍ମୀ ଲୋହିତ ଶବର, ଦେବାର ଚନ୍ଦ ଗୌଡ, ବିଶେଶ୍ୱର ବେମାଲ ପ୍ରମୁଖ ଉପସ୍ଥିତ ରହି କାର୍ଯକ୍ରମ ଉଦଘାଟନ କରିଥିଲେ। ମୋଟ ପ୍ରକଳ୍ପ ମଧ୍ୟରୁ ସବଜୁନିୟର କୋମଲ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦେବେଶ ଦାସ ଦିତୀୟ ଏବଂ ଚୈତନ୍ୟ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରୁ ନୃପରାଜ ଗୌଡ ପ୍ରଥମ ସ୍ଥାନ, ରେହନ ଭାଇ ଦିତୀୟ ଏବଂ ତନିଶା ପଟେଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଶବର କୃତୀ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସମୀର କୁମାର ବେହେରା, ଗୁଣସାଗର ଭୋଇ ରବିଶଙ୍କର ଭୋଇ, ନାନ୍ତା ମାଝି, ଛବିଳ ନିଆଲ ଓ ଶିକ୍ଷୟିତ୍ରୀ ଲୀଳାବାଇ ଶବର ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ କିଶୋର କୁମାର ପରିଡ଼ା ଧନ୍ୟବାଦ ଜ୍ଞାପନ କରି ଛାତ୍ରୀଛାତ୍ରମାନଙ୍କୁ ନିରନ୍ତର ପ୍ରୟାସ ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ।

# ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକାଙ୍କ ଆତ୍ମହତ୍ୟା

ନୂଆପଡ଼ା,୨୨।୧୧(ମକାରୁ ବେମାଲ)

ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକାଙ୍କ ଆତ୍ମହତ୍ୟା କରିଥିବା ଭଳି ଏକ ଅଭାବନୀୟ ଘଟଣା ବୁଧବାର ନୂଆପଡା ସଦର ବ୍ଲକ ବେଲଟୁକୁରି ଥାନା ବିଶୋରା ଗାଁରେ ଘଟିଛି। ଖବର ପାଇ ବେଲଟୁକୁରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରେମିକଙ୍କୁ ଅଟକ ରଖି ତଦନ୍ତ କରୁଛି। ପ୍ରାପ୍ତ ସୂଚନା ମୁତାବକ ବେଲଟୁକୁରି ଥାନା ସବିଶୋରା ଗାଁର ନବୀନ ମାଝି (୧୮)ଙ୍କ ସହ ନେଗିପାଲି ଗାଁ ଆଦର୍ଶ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମଙ୍ଗଳବାର ରାତିରେ ନାବାଳିକା ପ୍ରେମିକା ପ୍ରେମିକଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକା ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପ୍ରେମିକ ଓ ତାଙ୍କ ପରିବାର ରଶି କାଟି ଜୀବନ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେଠାରେ ପ୍ରେମିକାଙ୍କ ଜୀବନ ଚାଲି ଯାଇଥିଲା। ଗାଁ ଲୋକେ ବେଲଟୁକୁରି ଥାନା ପୋଲିସକୁ ଖବର ଦେଇଥିଲେ। ବୁଧବାର ପୂର୍ବାହ୍ନରେ ବେଲଟୁକୁରି ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ପ୍ରେମିକାଙ୍କ ମୃତଦେହ ଜବତ କରିଥିଲା। ପ୍ରେମିକଙ୍କୁ ଅଟକ ରଖି ପଚାରାଉଚରା କରୁଛି। ନୂଆପଡା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ନାବାଳିକା ଆତ୍ମହତ୍ୟା ଘଟଣାର ଅଧିକ ତଦନ୍ତ କରୁଛି।

# ମା’ ଡୋକରୀ ଦେବୀ, ବାବା ଭୈରବ ଦେବଙ୍କ ଝାମୁଯାତ୍ରା



ଥୁଆମୂଳ ରାମପୁର,୨୨।୧୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କୋଷାବରା ଗ୍ରାମର ହେଲୋ ପ୍ୟାଣ୍ଟ ପଡ଼ାଠାରେ ମା’ ଡୋକରୀ ଦେବୀ ଓ ବାବା ଭୈରବ ଦେବଙ୍କ ଝାମୁଯାତ୍ରା ବା ଶେଷ ଦୀପାବଳୀ ପର୍ବ ସମ୍ପନ୍ନ ହୋଇଯାଇଛ। ଏହି ପୀଠରେ ମା’ ଡୋକରୀ ଦେବୀ ଓ ବାବା ଭୈରବ ଦେବଙ୍କୁ ପୂଜାର୍ଚ୍ଚନା ଜାଗଜକମରେ ପାଳିତ ହୋଇଛି। ପ୍ରତିବର୍ଷ ଏଠାକୁ ସହ ସହ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ଚଳିତବର୍ଷ ମଧ କୋଷାବରା ଗ୍ରାମବାସୀ ବେଶ ଧୁମଧାମରେ ପାଳନ କରିଥିଲେ ଦୀପାବଳୀ ପର୍ବର ଶେଷ ପର୍ଯ୍ୟାୟର ଅନ୍ତିମ ଉତ୍ସବ। ପ୍ରଥମ ଦିବସରେ ମା’ଙ୍କ ଆରାଧନା ପରେ ନିକଟସ୍ଥ ନାଳରୁ ପ୍ରଥମ ଥରପାଇଁ କଳସ ଶୋଭାଯାତ୍ରାରେ ଆସି ମନ୍ଦିରରେ ସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସରେ ଗ୍ରାମର ଅଗ୍ନି ଭୈରବ ଦେବ ଓ ମା’ ଡୋକରୀ ଦେବୀଙ୍କ ପାଣି ଗଦିଆ ବସା, କଣ୍ଟା ଦୋଳି ଝୁଲା ଓ ନଗର ପରିକ୍ରମା ପରେ ଅଗ୍ନି ପରୀକ୍ଷା ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବରେ ଆଇନଜୀବୀ ନିମାଞ୍ଚଳ ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ, ଶିକ୍ଷକ ଅଜିତ କୁମାର ଦୁର୍ଗା, ଦୁର୍ଗା କୀର୍ତ୍ତିଙ୍କ ସମେତ ପୂଜା କମିଟି ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରୁଥିଲେ ଡମ୍ବରୁଧର ନାଏକ। ଯାତ୍ରା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଲୋକଙ୍କୁ ଅତିଥିମାନେ ବୁଝାଇଥିଲେ। ଆଗାମୀ ବର୍ଷ କଭଳି ସମସ୍ତେ ଏକଜୁଟ ହୋଇ ନିଜସ୍ୱ ଖର୍ଚ୍ଚରେ ମା’ଙ୍କ ଏହି ମନ୍ଦିର ନିର୍ମାଣ କରାଯିବ ସେ ଦିଗରେ ସମସ୍ତ ଅତିଥିଙ୍କ ସମେତ ସମସ୍ତ ଗାଁବାସୀ ସଙ୍କଳ୍ପ ନେଇଥିଲେ। ପୂଜ କମିଟି ସଭାପତି ବିପିନ କୁମାର ଦୀପ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଅତିରିକ୍ତ ଜିଲା ଦୌରା ଜଜ୍ ସ୍ଥାପନ ପାଇଁ ଦାବିପତ୍ର

ଖଡ଼ିଆଳ,୨୨।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଅତିରିକ୍ତ ଜିଲା ଦୌରା ଜଜ୍ ସ୍ଥାପନ ଦାବିରେ ଖଡିଆଳ ଓକିଲ ସଂଘ ଆନ୍ଦୋଳନ କରିଛନ୍ତି। ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡିଆଳ ତହସିଲଦାର ଲଳିତ ବାଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ସରକାରଙ୍କୁ ପଠାଇ ଦିଆଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଖଡିଆଳ ଓକିଲ ସଂଘ ପକ୍ଷରୁ ସଭାପତି ଶିବ ପ୍ରସାଦ ମେହେର, ସମ୍ପାଦକ ସଞ୍ଜୟ ମାହାଉତି, ପ୍ରତାପ କିଶୋର ଜଗତ, ଯୁଧିଷ୍ଠିର ମେହେର, ଚିତ୍ତ ରଞ୍ଜନ ସିଂଦେଓ, ଶାରଦା ପ୍ରସାଦ ପଣ୍ଡା, ଭବେଶ ପାଣିଗ୍ରାହୀ, କିଶୋର ବାଗ, ରବୀନ୍ଦ୍ର କୁମ୍ଭାର, ଶଙ୍କର୍ଷଣ ପଣ୍ଡା, ସୁଶାନ୍ତ ତାଣ୍ଡି, ବିରଜା ସିଂ ଦଳପତି, ଟିକେଶ୍ୱର ପଟେଲ, ମହେନ୍ଦ୍ର ଦାସ, ନୟନ ବିଭାରଙ୍କ ସହ ସମସ୍ତ ଓକିଲ ଯୋଗଦେଇଥିଲେ।


ଦାବିପତ୍ର ପ୍ରଦାନ କରାଯାଉଛି।

# ଗୁଡ଼ହାଣ୍ଡି ଡୋକରିଚଞ୍ଚରା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ

## ବିଶ୍ୱ ସ୍ମାରକୀ ସପ୍ତାହ

କୋକସରା,୨୨।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

ଭୁବନେଶ୍ୱର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଓ କଳାହାଣ୍ଡି ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାଲିଥିବା ବିଶ୍ୱ ସ୍ମାରକୀ ବା ହେରିଟେଜ ସପ୍ତାହ କାର୍ଯ୍ୟକ୍ରମର ଚତୁର୍ଥ ଦିନରେ ପ୍ରତ୍ନତତ୍ତ୍ୱବିତ୍ ଡ. ଆଶିଷ ରଞ୍ଜନ ସାହୁଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏକ ଦଳ କୋକସରା ବ୍ଲକ ଗୁଡହାଣ୍ଡି ଡୋକରିଚଞ୍ଚରା ପରିଦର୍ଶନ କରିଛନ୍ତି। ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅଧିକାରୀଙ୍କ ସହ ଛାତ୍ରୀଛାତ୍ରୀମାନେ ଦୀର୍ଘ ୩/୪ କି.ମି. ପାହାଡ ଚଢି ଗୁଡହାଣ୍ଡି ଗୁମ୍ଫାରେ ପହଞ୍ଚି ସେଠାରେ ଥିବା ପ୍ରାଗ ଐତିହାସିକ ଯୁଗର ଗୁମ୍ଫା ଚିତ୍ର ଦେଖିଥିଲେ। ସେଠାରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିଥିବା ଜଣାପଡିଛି। ଶ୍ରୀରାମ ମନ୍ଦିରରେ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପୁଷ୍ପରାଜ ମେହେରଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଅଧାପକ ଐରି ନାଶନ ଚିନ୍ଦା ପରିଚାଳନା କରିଥିଲେ। ଗୁଡହାଣ୍ଡି ଡୋକରୀ ଚଞ୍ଚରାରେ ରହିଥିବା ବିଭିନ୍ନ ପ୍ରାଗ ଐତିହାସିକ କିମ୍ବଦନ୍ତୀ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅଧାପକ ସୁବ୍ରତ କୁମାର ବେହେରା, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ପୁଷ୍ପରାଜ ମେହେର, ନୃତତ୍ତ୍ୱ ବିଭାଗ ଡ. ରାଜକିଶୋର ମହନା ଓ ଡ. କୁମୁଦ ଚନ୍ଦ୍ର ନାଏକ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ଡ.ନଳିନୀକାନ୍ତ ରଣା, ସହକାରୀ ପ୍ରତ୍ନତତ୍ତ୍ୱବିତ୍ ଡ.ଆଶିଷ ରଞ୍ଜନ ସାହୁ, ପ୍ରତ୍ନତତ୍ତ୍ୱବି ପୂଜା ରାଣୀ ବେହେରା ଓ ଚିରଞ୍ଜିବୀ ଶବର, ପଞ୍ଚାୟତ ସମିତି କଲେଜ ଅଧାପିକା କନକ ମଞ୍ଜରୀ ବେହେରା, ଉନ୍ନୟନ ସମିତି ସଭାପତି ଭଦ୍ରେଶ୍ୱର ପାତ୍ର, ସମ୍ପାଦକ ନୀଳାମ୍ବର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଡିଗ୍ରୀ ମହାବିଦ୍ୟାଳୟର ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଧାପିକାଅଧାପିକ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଭବାନୀପାଟଣା,୨୨।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ବିକାଶ ଉଇସଡମ ପାର୍କଠାରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବିକାଶ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହାକୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀ, ଓସିଏ ଓ ବିସିସିଆଇ ପିଚ କ୍ୟୁରେଟର ପଙ୍କଜ କୁମାର ପଟ୍ଟନାୟକ ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅଧାପକ ମେଜର ଡ.ଜୟଦେବ ସାହୁ ଓ ଡ.ଘନଶ୍ୟାମ ବେହେରା ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ନିର୍ଦ୍ଦେଶକ ଡି ରାମ କୁମାରଙ୍କ ସଭାପତିତ୍ୱରେ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ବିବିଏ, ବିସିଏ, ବିଭାଗ ଅଧକ୍ଷ ଡ.ସୁଦୀପ୍ତ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଏସସି ବିଭାଗ ଅଧକ୍ଷ ଡ.ଆଦିତ୍ୟ କୁମାର ପଟ୍ଟନାୟକ ବିଦ୍ୟାର୍ଥୀମାନଙ୍କ ଉପରେ ଉଦବୋଧନ ଦେଇଥିଲେ। ବିକାଶ ନର୍ସିଂ ମହାବିଦ୍ୟାଳୟ ଅଧକ୍ଷା କେ. ଜୟଶ୍ରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ ଓ ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଜ୍ଞାନରଞ୍ଜନ ମିଶ୍ର, ଅଧାପିକା ଜ୍ୟୋତି ପଣ୍ଡା, ପିଇଟି ବିଭାଗର ମୁଖ୍ୟ ପ୍ରବୀଣ ପି. କୁମାର ଓ ଅନୁଷ୍ଠାନର ପିଆର୍ ଓ ଗୁପ୍ତେଶ୍ୱର ଝୁଣ୍ଟିଆ ସକ୍ରିୟ ଭୂମିକା ନିଭାଇଥିଲେ। ଆରମ୍ଭରେ ଏହି ଅବସରରେ କଳାହାଣ୍ଡି ମାଟିରେ ସୁଯୋଗ୍ୟ ସନ୍ତାନ ବିଏସଏଫ ଯବାବ ଶହୀଦ ଈଶ୍ୱରଚନ୍ଦ୍ର ଦୋରାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଉକ୍ତ ସଭାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମପୁର ମହାବିଦ୍ୟାଳୟ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ, ଖରିଆର କଲେଜ, ବୋର୍ଡା ଡିଗ୍ରୀ କଲେଜ, ବୋଡ଼େନ ଡିଗ୍ରୀ କଲେଜ, ନୂଆପଡା ଜାତୀୟ ମହାବିଦ୍ୟାଳୟ ଓ ମହାମାୟା ମହାବିଦ୍ୟାଳୟ ଭାଗ ନେଉଥିବା ଜଣାପଡିଛି।



ଉଦଘାଟନୀ ସମାରୋହରେ ଯୋଗଦେଇଥିବା ଅତିଥିଗଣ।

## ସଂକ୍ଷେପରେ

### ମହିଳା କନଷ୍ଟେବଲଙ୍କ ଆତ୍ମହତ୍ୟା

ବୌଦ୍ଧ,୨୨।୧୧( ଅଜିତ କୁମାର ବାରିକ)



ବୌଦ୍ଧ ଜିଲା ପୋଲିସରେ କାର୍ଯ୍ୟରତ ମହିଳା କନଷ୍ଟେବଲ ଚାନ୍ଦ ମେହେର ବୁଧବାର ଦିନ ବୁଟୁପାଲି ସ୍ଥିତ ନିଜ ସରକାରୀ ବାସଭବନରେ ଆତ୍ମହତ୍ୟା କରିଥିବା ଜଣାପଡିଛି । ସେ ସକାଳୁ ନିଜର ଦୁଇ ଛୋଟ ପୁଅଙ୍କୁ ବିଦ୍ୟାଳୟକୁ ପଠାଇ ଥିଲେ । ପରେ ତାଙ୍କ ସ୍ୱାମୀ ବୁଟୁପାଲିଠାରେ ଥିବା ଦୋକାନକୁ ଯାଇଥିଲେ । ଏହାର ସୁଯୋଗ ନେଇ ଚାନ୍ଦ ବେକରେ ଓଢଣୀ ବାନ୍ଧି ଘରର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଖବର ପାଇ ବୌଦ୍ଧ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଥିଲା । ଏନେଇ ବୌଦ୍ଧ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି । ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୋଲିସ ମୃତ କନଷ୍ଟେବଲଙ୍କ ସ୍ୱାମୀ ସାନନ୍ଦ ମେହେରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଜିଲା ରେଡ୍‌କ୍ରସ୍ ତରଫରୁ ମ୍ୟାଜିକ୍ ଶୋ



ତରଭା,୨୨।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ଯାଦୁଗର ସଂଘ ଓ ଜିଲା ରେଡ଼କ୍ରସ ତରଫରୁ ତରଭା ନାରାୟଣ ମୁରଲୀ କଲ୍ୟାଣମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ମ୍ୟାଜିକ ଶୋର ଶୁଭାରମ୍ଭ ହୋଇଛି। ସୋନପୁର ଉପ-ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ତରଭା ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ଦୁର୍ଯ୍ୟୋଧନ ରାଉତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସୋନପୁର ଜିଲା ଯାଦୁଗର ସଂଘ ସଭାପତି ଯଦୁନାଥ ମିଶ୍ର ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସଭା ପରେ ଖ୍ୟାତିସମ୍ପନ୍ନ ଯାଦୁଗର ଏସ.ଶ୍ରୀକାନ୍ତ ଚମତ୍କାର ଯାଦୁ ପ୍ରଦର୍ଶନ କରି ଉପସ୍ଥିତି ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ଯାଦୁ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଂଘ ସମ୍ପାଦକ ସଞ୍ଜୟ କୁମାର ଭୋଇ ସୂଚନା ପ୍ରଦାନ କରିଛନ୍ତି।

### ବୀରମହାରାଜପୁର ହାଇସ୍କୁଲରେ ବ୍ୟାଡ୍‌ମିଣ୍ଟନ କୋର୍ଟ ଉଦ୍‌ଘାଟିତ



ଅମରପାଲି,୨୨।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଳକ ହାଇସ୍କୁଲରେ ବୁଧବାର ମୋ ସ୍କୁଲ ଅଭିଯାନ ତରଫରୁ ନିର୍ମିତ ଏକ ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୁରାତନ ଛାତ୍ର ସଂଘ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅଭିଭାବକ ଓ ଅଭିଭାବିକାଙ୍କ ମଧ୍ୟରେ ବ୍ୟାଡମିଣ୍ଟନ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପାତ୍ର ଓ ଧର୍ମକୁମାର ଶତପଥୀ ଏଥିରେ ଯୋଗଦେଇ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବହୁ ଅଭିଭାବକ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ରକ୍ସା ପାକ୍ସ ଭାରପ୍ରାପ୍ତ ସମ୍ପାଦକ ନିଲମ୍ବିତ

ସୋନପୁର,୨୨।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ରକ୍ସା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ର ସେଲ୍‌ସମ୍ୟାନ ତଥା ବର୍ତ୍ତମାନ ଭାରପ୍ରାପ୍ତ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ଗଜପତି ଭୋଇଙ୍କୁ ନିଲମ୍ବନ କରାଯାଇଛି। ବଲାଙ୍ଗୀର ସମବାୟ ସମିତି ଉପନିବନ୍ଧକ(ଡିଆର୍‌ସିଏସ୍)ଙ୍କ ନିର୍ଦ୍ଦେଶକ୍ରମେ ବୀରମହାରାଜପୁର ସହକାରୀ ଉପନିବନ୍ଧକ(ଏଆର୍‌ସିଏସ୍) ପାଣ୍ଡୁ ଚରଣ ସାହୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୮୭୭/୨୧।୧୧।୨୦୨୩ ମୂଳେ ଭୋଇଙ୍କୁ ନିଲମ୍ବନ କରିଛନ୍ତି। ଉଲୁଣ୍ଡା ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଗିରିଗୋବର୍ଦ୍ଧନ ଭୋଇଙ୍କୁ ରକ୍ସା ପାକ୍ସର ପେଡି ପରଚେଜ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷେ ରକ୍ସା ପାକ୍ସର ସମସ୍ତ କାଗଜପତ୍ର ଓ ଦାୟିତ୍ୱ ଉଲୁଣ୍ଡା ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଗିରିଗୋବର୍ଦ୍ଧନଙ୍କୁ ହସ୍ତାନ୍ତର କରିବାକୁ ଗଜପତି ଭୋଇଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

**ଚାଷୀ ପଞ୍ଜୀକରଣରେ ଅନିୟମିତତା ଘଟଣା**



ଭାରପ୍ରାପ୍ତ ପାକ୍ସ ସମ୍ପାଦକ ଗଜପତି ଭୋଇ।

୨୦୨୩-୨୪ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ରକ୍ସା ପାକ୍ସରେ ବ୍ୟାପକ ଅନିୟମିତତା ହୋଇଥିଲା। ଧରିତ୍ରୀରେ ଏ ସମ୍ପର୍କରେ ଏକାଧିକ ଖବର ପ୍ରକାଶ ପାଇଥିଲା। ସନ୍ତୋଷ କୁମାର ନାୟକଙ୍କ ସମେତ ଏକାଧିକ ଚାଷୀ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଜିଲାପାଳ ଯୁଗ୍ମ ତଦନ୍ତ କମିଟି ଗଠନ କରିଥିଲେ। ଉଲୁଣ୍ଡା ତହସିଲଦାର ଦିଲିପ କୁମାର ମାଝିଙ୍କ ନେତୃତ୍ୱରେ ଏହି କମିଟିରେ ସୁବର୍ଣ୍ଣପୁରର ଅତିରିକ୍ତ ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ବୀରମହାରାଜପୁରର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ ଓ ବୀରମହାରାଜପୁର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ ପ୍ରମୁଖ ଥିଲେ। ଏହି ଟିମ୍‌ର ତଦନ୍ତ ପରେ ଚାଷୀ ପଞ୍ଜୀକରଣରେ ଅନିୟମିତତା ସ୍ପଷ୍ଟ ହୋଇଥିଲା। ପଞ୍ଜୀକରଣ ସମୟରେ ସମିତି ଅଧୀନରେ ଥିବା ୮୨ ଜଣ ଚାଷୀଙ୍କ ଜମିର ପରିମାଣ କମ୍ ଦର୍ଶା ଯାଇଥିଲା। ଧାନ ବିକ୍ରି ପାଇଁ ସମ୍ପୃକ୍ତ ଚାଷୀଙ୍କ ୩୬୨ଟି ପ୍ଲଟର ମୋଟ ୧୦୩.୮୦୫ ଏକର ଜମି ରେଜିଷ୍ଟ୍ରେଶନ ହୋଇ ନ ଥିଲା। ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଓ କର୍ମଚାରୀଙ୍କ ଅବହେଳାରୁ ଏପରି ହୋଇଥିବା ଯୁଗ୍ମ ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ତଦନ୍ତ ରିପୋର୍ଟ ପାଇବା ପରେ ସମ୍ପୃକ୍ତ ପାକ୍ସ ଭାରପ୍ରାପ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁବର୍ଣ୍ଣପୁର ଜିଲାପାଳ ରାୟ, ବଲାଙ୍ଗୀର ଡିଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ଡିଆରସିଏସ୍ ଦମୟନ୍ତୀ ସିଂ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୯୨୩/୨୦।୧୦।୨୦୨୩ ଓ ୫୯୯୨/୧।୧୧।୨୦୨୩ ରେ ରକ୍ସା ପାକ୍ସ ପରିଚାଳନା ପରିଷଦ ସଭାପତିଙ୍କୁ ଭାରପ୍ରାପ୍ତ ସମ୍ପାଦକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ତେବେ ଡିଆରସିଏସ୍‌ଙ୍କ ଏହି ନିର୍ଦ୍ଦେଶକୁ ପାକ୍ସ ସଭାପତି ପ୍ରେମରାଜ ଭୋଇ କାର୍ଯ୍ୟକାରୀ କରି ନ ଥିଲେ। ଫଳରେ ରକ୍ସା, ହିଙ୍ଗମା, ଗୁରୁପଙ୍ଗା, ଖପରିପୁର, ବାଘଲପୁର, ଡୁଙ୍ଗୁପାଲି, ଶ୍ରୀପୁରା, ଭଜବଲପୁର, ପତ୍ରାପାଲି, ହିକୁଡି ଓ ବିଜେପୁର ଅଞ୍ଚଳର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଫଳରେ ଭାରପ୍ରାପ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବଲାଙ୍ଗୀର ଡିଆରସିଏସ୍ ଗତ ୧୭ ତାରିଖରେ ବୀରମହାରାଜପୁର ଏଆରସିଏସ୍‌ଙ୍କୁ ଚିଠି କରିଥିଲେ।

# ଭାଜପାର ବ୍ଲକ ଘେରାଉ



ତରଭା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ତରଭା,୨୨।୧୧(ମାନଭଞ୍ଜନ ମିଶ୍ର)

ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ଆଞ୍ଚଳିକ ସମସ୍ୟା ନେଇ ବୁଧବାର ଭାଜପା ପକ୍ଷରୁ ତରଭା ବ୍ଲକ ଘେରାଉ କରାଯିବା ସହ ଏନଏସି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଘେରାଉ କରାଯାଇଥିଲା । ଅନୁଷ୍ଠିତ ସଭାରେ ଜିଲା ଉପ ସଭାପତି ରାମନାରାୟଣ ବେଜ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ମହଲା , ଅଶୋକ ପୂଜାରୀ, ମଣ୍ଡଳ ସଭାପତି ମୁଚୁରାମ ମେଣ୍ଡଲି, ସନାତନ କର୍ମୀ, ଶରତ ଶତପଥୀ ମଞ୍ଚାସୀନ ଥିଲେ। ବ୍ଲକ ଓ ଏନଏସି ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଦୁର୍ନୀତି ଏବଂ ପିସି କାରବାର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଏମଜିଏନଆରଇଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଓ କେନ୍ଦ୍ରୀୟ ଅନୁଦାନର ଦୁରୂପଯୋଗ, ବେରୋଜଗାରକୁ ନେଇ ଆନ୍ଦୋଳନକାରୀମାନେ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ତହସିଲରେ ଦଲାଲରାଜ ଏବଂ ଏନଏସିର ମଶାମରା ତେଲ, ବ୍ଲିଚିଙ୍ଗ ପାଉଡର, କମ୍ପୋଷ୍ଟ ସାର ଦୁର୍ନୀତି ଓ ନିମ୍ନମାନର କାମ ଆଦି ନେଇ ବିକ୍ଷୋଭ କରାଯାଇଥିଲା। ଉପରୋକ୍ତ ସମସ୍ୟା ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତରଭା ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ନିରଞ୍ଜନ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାଛଡା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ମିଡିଆ ସେଲ ସଂଯୋଜକ କଲ୍ୟାଣ ନାଏକ ସଭା ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ତରଭା,୨୧।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ,ଜାମକାନୀଠାରେ ତରଭା ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ତରଭା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ.ରମେଶ ପତ୍ରୀ, ସମ୍ମାନିତ ଅତିଥି ଭାବେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ରଥ,ଏବିଇଓ ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଆଦର୍ଶ ବିଦ୍ୟାଳୟ ଜାମକାନୀର ଅଧ୍ୟକ୍ଷ ପଞ୍ଚାନନ ପଧାନ ଯୋଗଦାନ କରିଥିଲେ। ଶିକ୍ଷକ ଉଦୟ ନାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜ୍ଞାନ ଶିକ୍ଷକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ଓ ଆଦର୍ଶ ବିଦ୍ୟାଳୟ,ଜାମକାନୀର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଚଳିତବର୍ଷର ବିଜ୍ଞାନ ମେଳାର ଥିମ୍ ଥିଲା ସମାଜ ପାଇଁ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ। ସ୍ୱାସ୍ଥ୍ୟ, ପରିବେଶ ପାଇଁ ଜୀବନଶୈଳୀ, କୃଷି, ଯୋଗାଯୋଗ ଓ ପରିବହନ ତଥା ଗଣନ ସମ୍ବନ୍ଧୀୟ ବିଚାର ଆଦି ବିଷୟବସ୍ତୁ ଉପରେ କନିଷ୍ଠ ବିଭାଗରେ ୮୬ ଓ ବରିଷ୍ଠ ବିଭାଗରେ ୩୭ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୨୩ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରୁ ଉଭୟ ବିଭାଗରୁ ଶ୍ରେଷ୍ଠ ୮ଟି ଲେଖାଏଁ ସର୍ବମୋଟ ୧୬ ପ୍ରକଳ୍ପ ଜିଲାସ୍ତରକୁ ଯିବା ପାଇଁ ମନୋନୀତ ହୋଇଛି । ବିଚାରକ ଭାବେ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ, ଡୁଙ୍ଗୁରିପାଲିର ବିଜ୍ଞାନ ଶିକ୍ଷକ ଚକାନୟନ ମେହେର ଓ ପିପଲିପାଲି ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭୋଜରାଜ ମେହେର ଯୋଗଦାନ କରିଥିଲେ । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ସଭାପତିତ୍ୱ କରିଥିଲେ ଓଏଭି,ଜାମକାନୀର ଅଧ୍ୟକ୍ଷ ପଞ୍ଚାନନ ପଧାନ । ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ.ରମେଶ ପତ୍ରୀ, ସମ୍ମାନିତ ଅତିଥି ଭାବେ ତରଭା ଏବିଇଓ ସତ୍ୟନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ବ୍ଲକ ବିଜ୍ଞାନ ସୁପରଭାଇଜର ସୁରଜ କୁମାର ସେଠୀ ଓ ଶିକ୍ଷାବିତ ମୀନକେତନ ରଣା ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁମ୍ଭାରମୁଣ୍ଡା ଉଚ୍ଚ ବିଦ୍ୟାଳୟ , ତରଭା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଓ ଓଏଭି ଜାମକାନୀର ଛାତ୍ରୀଛାତ୍ରମାନେ ବିଜ୍ଞାନ ସମ୍ବନ୍ଧୀୟ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ଧ୍ରୁବଲ ପଧାନ, ଦିଲିପ ଦଣ୍ଡିଆ, ଡବଲୁ ସାହୁ, ରଶ୍ମିରଞ୍ଜନ ଦାସ,ରୋହିତ ରଞ୍ଜନ ସାହୁ,ସୁନୟନା ମଲ୍ଲିକ,ଯୋଗେଶ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ପ୍ରଜ୍ଞାମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଏକ ପ୍ରକଳ୍ପ।

### ବ୍ଲକସ୍ତରୀୟ ସମନ୍ୱୟ ସମିତି ବୈଠକ

ଡୁଙ୍ଗୁରିପାଲି,୨୨।୧୧(ଦୀନବନ୍ଧୁ ସୁନା )

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ବିଡ଼ିଓ ରୋହିତ ଭୋଇଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ସମନ୍ୱୟ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବରିଷ୍ଠ ଭେଷଜ ବିଶେଷଜ୍ଞ ସଞ୍ଜୟ କୁମାର ପଧାନ, ଆଲୋକ ରଞ୍ଜନ ପଣ୍ଡା,ସୁବର୍ଣ୍ଣପୁର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଏବିଓ ବଟକୃଷ୍ଣ ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ । ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଯୋଗ ଦେଇଥିବା ଅଧୀକ୍ଷକ ରବୀନ୍ଦ୍ରନାଥ ପଣ୍ଡା ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆଞ୍ଚଳିକ ଅଧିକାରୀ ନିଶିଥ ରଞ୍ଜନ ଦାଶ ଯୋଗଦେଇ କୁଷ୍ଠ ରୋଗ ନିୟନ୍ତ୍ରଣ ପାଇଁ ବିଭିନ୍ନ ବିଭାଗର ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆସନ୍ତା ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା କୁଷ୍ଠ ରୋଗ ଚିହ୍ନଟ ଅଭିଯାନରେ କୁଷ୍ଠ ରୋଗ ସର୍ବେକ୍ଷଣ ପାଇଁ ୧୨୪ ଟିମ୍,୩୦ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ବ୍ଲକ, ଗ୍ରାମସ୍ତରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହେବ ବୋଲି ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ପ୍ରକାଶ କରିଥିଲେ । ଆଇସିଡ଼ିଏସ ସୁପରଭାଇଜର ସୀତା ମେହେର, ସ୍ୱାସ୍ଥ୍ୟ ପରିଦର୍ଶକ ହରିଚନ୍ଦ୍ର ସୁନା, ଅର୍ଥ ପରିଚାଳକ ପ୍ରଦୀପ ସାହୁ, ଗଦାଧର ବାରିକ, ପ୍ରବୀର କୁମାର ରଥ, ଅମିତ କୁମାର, ମୋତିଲାଲ, ନେତ୍ରାନନ୍ଦ, ବିଶ୍ୱନାଥ ପ୍ରମୁଖ ସହଯୋଗ କରିଥିଲେ ।

# ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଅତିଥି ଓ ଖେଳାଳିମାନେ ।

ଅମରପାଲି,୨୨।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ହାଇସ୍କୁଲ ନିକଟସ୍ଥ ଖେଳ ପଡିଆରେ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ମୁଖ୍ୟଅତିଥି ଏବଂ କ୍ରୀଡାବିତ ଅରବିନ୍ଦ ଛତ୍ରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କାନପୁର ଓ ଟିଠିପାଲି ମଧ୍ୟରେ ହୋଇଥିଲା। ଏଥିରେ କାନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ଉଇକେଟ ହରାଇ ୬୩ ରନ କରିଥିବା ବେଳେ ଟିଠୀପାଲି ଦଳ ୭.୧ ଓଭରରେ ୬ ଉଇକେଟ ହରାଇ ୬୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଷଣ୍ଢା ଓ ଟାଙ୍ଗରସାହି ମଧ୍ୟରେ ହୋଇଥିଲା। ଏଥିରେ ଷଣ୍ଢା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୩ ଉଇକେଟ ହରାଇ ୬୭ ରନ କରିଥିବା ବେଳେ ଟାଙ୍ଗରସାହି ଆବଶ୍ୟକ ୬୮ ରନକୁ ୪.୨ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କମଳପୁର ଓ କେନ୍ଦୁପାଲି ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦୁପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରରେ ୫ ଉଇକେଟ ହରାଇ ୮୬ ରନ କରିଥିଲା। ଜବାବରେ କମଳପୁର ଦଳ ନିର୍ଦ୍ଧାରିତ ୬ ଓଭରରେ ୯ ଉଇକେଟ ହରାଇ ୭୪ ରନ କରି ପରାସ୍ତ ହୋଇଥିଲା। ଚତୁର୍ଥ ମ୍ୟାଚ ଉଫୁଲା ଓ ଦେଉଳମୁଣ୍ଡା ମଧ୍ୟରେ ହୋଇଥିଲା। ଏଥିରେ ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୯ ଓଭରରେ ୩ ଉଇକେଟ ହରାଇ ୯୧ ରନ କରିଥିବା ବେଳେ ଦେଉଳମୁଣ୍ଡା ଦଳ ନିର୍ଦ୍ଧାରିତ ୭ ଓଭରରେ ୮ ଉଇକେଟ ହରାଇ ୬୮ ରନ କରି ପରାସ୍ତ ହୋଇଥିଲା। ମ୍ୟାଚଗୁଡ଼ିକରେ ସଚିନ ଭୋଇ ଓ ଅମିୟ ସେଠୀ ଅମ୍ପାୟାର, ଉତ୍ତମ ଖମାରୀ ସ୍କୋରର ଏବଂ ରତନ ଗୁରୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଅବକାରୀ ଚଢ଼ାଉ: ୨୬ ଲିଟର ରନ୍ଧା ଦେଶୀ ମଦ ଜବତ

ଡୁଙ୍ଗୁରିପାଲି,୨୨।୧୧(ଦୀନବନ୍ଧୁ ସୁନା)

ବୁଧବାର ବିନିକା ଅବକାରୀ ଇନ୍ସପେକ୍ଟର ରାଧାକାନ୍ତ ଭୋଇଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଟିମ୍ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ବେହେରାମାଲ ପଞ୍ଚାୟତ ଅଧୀନ ଲଙ୍ଗଳକଟା ଗ୍ରାମର ବଳରାମ ସେଠଙ୍କ ଠାରୁ ୧୪ ଲିଟର ରନ୍ଧା ଦେଶୀ ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ସୁନାପାଲି ପଞ୍ଚାୟତ ପହଣ୍ଡି ଗ୍ରାମର ମଧୁ ପଧାନଙ୍କ ଠାରୁ ୧୨ ଲିଟର ରନ୍ଧା ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ୨ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଥିବା ଏଏସଆଇ ଭେଙ୍କଟ ବେହେରା ସୂଚନା ଦେଇଛନ୍ତି। ଏହି ଚଢ଼ାଉ ବେଳେ ଏଏସଆଇ ପିଣ୍ଟୁ ସାହୁ, ଭାଗ୍ୟବାନ କୁମ୍ଭାର, କନଷ୍ଟେବଲ ରିଙ୍କି ସେଠ, ସୀତାରାମ ପଧାନ ସାମିଲ ଥିଲେ।

# ବୌଦ୍ଧରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ବୌଦ୍ଧ,୨୧।୧୧( ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ଗୃହ ଠାରେ ମଙ୍ଗଳବାର ଦିନ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ଅସନ୍ତୁଳିତ ପରିବେଶକୁ ରକ୍ଷା କରିବା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପମତ୍ସ୍ୟ ନିର୍ଦ୍ଦେଶକ ବଲାଙ୍ଗୀର ମଣ୍ଡଳ ନିଳାମ୍ବର କିଲାକା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗ ଦେଇଥିଲେ । ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ବୈଷୟିକ ମତ୍ସ୍ୟ ଅଧିକାରୀ ବିଶ୍ୱମ୍ବର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହା ସହ ମାଛ ଚାଷ ପାଇଁ ୪ ଗୋଟି ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ଜିଲାର ୩ ଗୋଟି ବ୍ଲକରୁ ବହୁ ସଂଖ୍ୟାରେ ମତ୍ସ୍ୟଚାଷୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

# 'ମହୋତ୍ସବ କଳାକାର ସୃଷ୍ଟି କରିବାର ମଞ୍ଚ'

ବୌଦ୍ଧ/ପୁରୁଣାକଟକ/ତଳଗାଁ,୨୨।୧୧ (ଅଜିତ କୁମାର ବାରିକ/ ସୁକାନ୍ତ କୁମାର ପଟ୍ଟନାୟକ/କୁନା ବେହେରା)

ଗତ ୧୬ ତାରିଖଠାରୁ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ମିନିଷ୍ଟାଡିୟମଠାରେ ଚାଲିଥିବା ତୃତୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ସଭା କାର୍ଯ୍ୟ ଆରମ୍ଭରୁ ସ୍ଥାନୀୟ କଳକାରମାନଙ୍କ ଦ୍ୱାରା କୃଷ୍ଣଗୁରୁ ନାମ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ଆଠମଲ୍ଲିକ ରୋଟାରୀ କ୍ଲବର ସମ୍ପାଦକ ଅର୍ଜୁନ ସାହୁ, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ସାହୁ, ବୌଦ୍ଧ ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର, କମିଟି ସମ୍ପାଦକ ଅଶୋକ ସେଠୀ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ଅମାତ ତାଙ୍କ ବକ୍ତବ୍ୟରେ ମହୋତ୍ସବ ଭାବର ଆଦାନ ପ୍ରଦାନ ଓ କଳାକାର ସୃଷ୍ଟି କରିବାର ମଞ୍ଚ ବୋଲି କହିଥିଲେ। ମହୋତ୍ସବ ଦ୍ୱାରା ସ୍ଥାନୀୟ କଳାକାରମାନେ ନିଜର କଳା ପରିବେଷଣ କରିବାର ସୁଯୋଗ ପାଇ ପାରୁଛନ୍ତି ବୋଲି କହିବା ସହ ଆୟୋଜକଙ୍କୁ ଏତେ ବଡ ଆୟୋଜନ କରିଥିବାରୁ ପ୍ରଶଂସା କରିଥିଲେ। ଶେଷରେ ସାଙ୍ଗଠନିକ ସମ୍ପାଦକ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ, ମନୋଜ ପାଠୀ ଓ ଅଶୋକ ମହାନ୍ତି ପରିଚାଳନା କରିଥିଲେ। ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଗୀତ ଓ ନାଚ ଦେଖି ଦର୍ଶକ ଶୀତୁଆ ରାତିରେ ଝୁମିଥିଲେ। ମହୋତ୍ସବ କମିଟିର ଉପସଭାପତି ସରୋଜ ପ୍ରଧାନ, ସହ ସଂପାଦକ ସୁବାସ ପ୍ରଧାନ, ସାଂଗଠନିକ ସଂପାଦକ ପ୍ରାଣବନ୍ଧୁ ପ୍ରଧାନ, ସୁକାନ୍ତ କୁମାର ପଟ୍ଟନାୟକ, ସତୀଶ ବେହେରା, କୈଳାସ ଅଗ୍ରୱାଲା, ମନୋଜ ପାଢୀ, ବିଜୟ କହଁର, କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି ।

**ତୃତୀୟ ମା' ଭୈରବୀ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ**

**■ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ**

## ସଂକ୍ଷେପରେ

### ଜନ୍ମଦିନରେ ବୃକ୍ଷରୋପଣ



ବାଲିଶଙ୍କରା,୨୨।୧୧(ହୃଦାନନ୍ଦ ବାରିକ): ବାଲିଶଙ୍କରା ସେଣ୍ଟ ଜନ ବୋସ୍କୋ ଇଂଲିଶ ମିଡିୟମ ସ୍କୁଲ ପରିସରରେ ହୃଦାନନ୍ଦ ବାରିକଙ୍କ ପୁଅ ଦୁଷ୍ମନ୍ତଙ୍କ ଜନ୍ମ ଦିବସରେ ବୃକ୍ଷ ରୋପଣ କରାଯାଇଛି। ପ୍ରତିବର୍ଷ ଜନ୍ମଦିନରେ ୩ ରୁ ୪ ଟି ବୃକ୍ଷ ରୋପଣ କରିବେ ବୋଲି କହିବା ସହ ସମସ୍ତଙ୍କୁ ନିଜ ଜନ୍ମ ଦିନରେ ବୃକ୍ଷ ରୋପଣ କରି ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍କୁଲ ଡାଇରେକ୍ଟର ଅଶୋକ ଖାଲଖୋ, ପ୍ରିନ୍ସିପାଲ ବିଜୟ କୁମାର ଏକ୍କା, ସସ୍ମିତା ସାଏ, ନୀଳମ ବେକ, ଆଲମା ଲାକ୍ରା, ଜଷ୍ଟିନା ଲାକ୍ରା, ତରୁନ୍ନୁମ ପରୱିନ, ରାଜେଶ ଇନ୍ଦୱାର, ପ୍ରମିଳା ସୋୟ, ସୁମିଲ ମିଞ୍ଜି, ରକି ଲାକ୍ରା, ଆରତୀ ବାର୍ଲା, ଅନୁପମ ଖେସ, ସୌରଭ ସିଂ, କୁମୁଦିନୀ ମିଞ୍ଜି ସହ ସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସୁଟ୍‌କେସରୁ ମିଳିଲା ଓଡ଼ିଆ ଯୁବତୀଙ୍କ ମୃତଦେହ

■ ଦାଦନ ଖଟିବାକୁ ଯାଇ ମୃତଦେହ ହୋଇ ଫେରିଲେ

■ ପୁରୁଷ ବନ୍ଧୁ ଗିରଫ

ସୁନ୍ଦରଗଡ,୨୨।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ବନ୍ଦଲିକାନୀ ଗାଁର ଜଣେ ଯୁବତୀ ଦାଦନ ଖଟିବାକୁ ମୁମ୍ବାଇ ଯାଇ ହତ୍ୟାର ଶିକାର ହୋଇଛନ୍ତି। ମୁମ୍ବାଇ କୁର୍ଲା ରେଲଷ୍ଟେଶନ ରୋଡ ନିକଟରୁ ରବିବାର ମିଳିଥିବା ସୁଟକେସ ଭିତରୁ ଯୁବତୀଙ୍କ ମୃତଦେହ ମିଳିଛି। ମୃତା ହେଲେ ପ୍ରତିମା କିସପଟ୍ଟା। ପୋଲିସ ହତ୍ୟାକରୀ ଅସ୍କର ମନୋଜ ବାଲାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତାଙ୍କୁ ଅଧିକ ପଚରାଉଚରା କରିବା ପାଇଁ ୩ ଦିନିଆ ରିମାଣ୍ଡରେ ଆଣିଛି ପୋଲିସ।



ମିଳିଥିବା ସୂଚନା ଅନୁଯାୟୀ, ପ୍ରତିମା ମୁମ୍ବାଇର ଏକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ଅଞ୍ଚଳରେ ଜଣଙ୍କ ଘରେ କାମ କରୁଥିଲେ। ଏହି ସମୟରେ ସିଅନ ଅଞ୍ଚଳର ଏକ ମିଠା ଦୋକାନରେ କାମ କରୁଥିବା ସୁନ୍ଦରଗଡ ଜିଲା କିଞ୍ଜିରକେଲା ଅଞ୍ଚଳର ସାହେବ୍ ଡେରା ଗ୍ରାମର ମନୋଜଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଠି ଉଠିଥିଲା। ଉଭୟେ ଲିଭ-ଇନ୍‌ରେ ରହୁଥିଲେ। ୨୦୨୦ରୁ ଦୁହେଁ ମୁମ୍ବାଇରେ କାମ କରୁଥିବା ବେଳେ କୋଭିଡ ସମୟରେ ନିଜ ଘରକୁ ଚାଲିଆସିଥିଲେ। ଚଳିତ ଜୁନରେ ଦୁହେଁ ପୁଣି ମୁମ୍ବାଇକୁ ଯାଇଥିଲେ। ହେଲେ ମନୋଜ କିଛି ଦିନ ହେଲା ପ୍ରତିମାଙ୍କୁ ଅନ୍ୟ ପୁରୁଷ ସହ ସମ୍ପର୍କ ଥିବା ନେଇ ସନ୍ଦେହ କରି ଆସୁଥିଲେ। ଗତ ରବିବାର ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଥିଲା। ମନୋଜ ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରତିମାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାକୁ ଲୁଚାଇବାକୁ ଯାଇ ଏକ ସୁଟକେଶ ଭିତରେ ମୃତଦେହକୁ ଭର୍ତ୍ତି କରି ଏଲଟିଟି ରେଲୱେ ଷ୍ଟେଶନକୁ ଯାଇଥିଲେ। ଷ୍ଟେଶନରେ ଭିଡ ଓ ପୋଲିସକୁ ଦେଖି ସେଠାରୁ ଫେରି ଆସିଥିଲେ। ଏକ ଅଟୋରେ ସୁଟକେଶକୁ ନେଇ ସାରା ସହର ବୁଲିଥିଲେ। ଶେଷରେ କୁର୍ଲା ଅଞ୍ଚଳର ରେଳ ଷ୍ଟେଶନ ନିକଟରେ ସୁଟକେଶକୁ ଛାଡି ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଧରି ରାସ୍ତାରେ ଏହି ସୁଟକେଶଟି ପଡ଼ି ଥିବା ଦେଖି ସ୍ଥାନୀୟ ଲୋକେ କୁର୍ଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକେ ସୁଟକେସ ଖୋଲି ଯୁବତୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଯୁବତୀଙ୍କ ପରିଚୟ ପାଇବା ପାଇଁ ପୋଲିସ ସହରରେ ତାଙ୍କ ଫଟୋ ମାରିଥିଲା। ସେଠାରେ କାମ କରୁଥିବା ପ୍ରତିମାଙ୍କ ସମ୍ପର୍କୀୟ ସାନ ଭଉଣୀ ପୋଲିସକୁ ଫୋନ କରି ତାଙ୍କ ପରିଚୟ ଦେଇଥିଲେ। ସତ ଜାଣିବା ପରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ଡିସିପି ରାଜ ତିଲକ ରୌଶନ ଘଟଣାର ତଦନ୍ତ କରିଥିଲେ। ବହୁ ଖୋଜାଖୋଜି ପରେ ଅଭିଯୁକ୍ତ ମନୋଜଙ୍କୁ ପୋଲିସ ଠାଣେ ଷ୍ଟେଶନରୁ ଗିରଫ କରିଥିଲା। ଏପଟେ ପରିବାର ଲୋକେ ଝିଅର ମୃତଦେହ ଆଣିବା ପାଇଁ ବୁଧବାର ସେଠାରେ ପହଞ୍ଚିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପୋଲିସଙ୍କ ନିକଟରେ କୌଣସି ଖବର ନ ଥିବା କହିଛନ୍ତି।

## ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ଶିଶୁ ପ୍ରତିଭା।

ସୁନ୍ଦରଗଡ଼,ବଡ଼ଗାଁ,୨୨।୧୧ (ଜୟ ନାରାୟଣ ମେଣ୍ଡୁଲୀ/ ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ପାମରା ଗ୍ରାମର ସମ୍ବଲପୁରୀ କଳା ସଂସ୍କୃତି ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ ରୋଜଗାର ସେବକ ମହେନ୍ଦ୍ର ପୁରାଲେ ମୁଖ୍ୟ ଅତିଥି ଓ ସମ୍ମାନନୀୟ ଅତିଥିଭାବେ ସ୍ଥାନୀୟ ନାଏବ ସରପଞ୍ଚ ଅରୁଣ କୁମାର ରାଉତ, ନଳୀନ ରଞ୍ଜନ ସାହୁ, କିଶୋର ଚନ୍ଦ୍ର ରାଉତ ଯୋଗଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ଆରମ୍ଭରେ ମା' ସମଲେଇଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ପୂଜାର୍ଚ୍ଚନା କଲାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସମୟରେ ସମ୍ବଲପୁରୀ କଳା, ଭାଷା, ସଂସ୍କୃତିକୁ ଆଗେଇ ନେବା ପାଇଁ କରୁଥିବା ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୁନି ପିଲାଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନ ପକ୍ଷରୁ କୁନି କଳାକାରଙ୍କୁ ମାନପତ୍ର ଓ ମେଡାଲ ଦେଇ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଟୋନିସ ରୋହିଦାସ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସମ୍ପାଦକ ଦୁଷ୍ମନ୍ତ ଭୋଇ, ବିଭୂତି ମହାକୁଳ, ଦେବାଶିଷ ବାରିକ୍, ଚିନ୍ତାମଣି ରଣା, ଦୀପକ ରୋହିଦାସ, ଖାଣ୍ଡବ ରୋହିଦାସ, ଚିନ୍ତା ରୋହିଦାସ, ସୁବ୍ରତ ଦାନୀ, ନାଗେଶ୍ୱର ରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ଯୁବ ସମନ୍ୱୟ ବିକାଶ କାର୍ଯ୍ୟକ୍ରମରେ କ୍ରୀଡ଼ା ସମାରୋହ



ସୁନ୍ଦରଗଡ,୨୨।୧୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଯୁବ ସମନ୍ୱୟ ବିକାଶ କାର୍ଯ୍ୟକ୍ରମରେ କ୍ରୀଡା ସମାରୋହ ବୁଧବାର ଶେଷ ହୋଇଛି। ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ସୃଜନାତ୍ମକ ପ୍ରତିଭାର ଅନ୍ୱେଷଣ ଆଧାରରେ ଓଡିଶା ସରକାରଙ୍କ ପକ୍ଷରୁ ଗତ ୧୫ରୁ କଲେଜ ଖେଳ ପଡିଆଠାରେ ଏହି କ୍ରୀଡା ସମାରୋହ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ଓ ପ୍ରଶାସନିକ ବିଭାଗ ମୁଖ୍ୟ ଡ.ଇନ୍ଦିରା ଗଡନାୟକ କ୍ରୀଡା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଉଚ୍ଚ ମାଧ୍ୟାମିକ ଓ ମହାବିଦ୍ୟାଳୟ ସ୍ତରରେ କଳା ଓ ବିଜ୍ଞାନ ଛାତ୍ରୀଙ୍କ ମଧ୍ୟରେ କବାଡି, ବ୍ୟାଡମିଣ୍ଟ, ଲଙ୍ଗଜମ୍ପ, ସଟପୁଟ, କ୍ୟାରମ, ଦଉଡିଡିଆଁ ଆଦି ପ୍ରତିଯୋଗୀତା ହୋଇଥିଲା। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏହି କ୍ରୀଡା ପ୍ରତିଯୋଗୀତାକୁ ନୋଡାଲ ଅଫିସର ଡ. ସଞ୍ଜୟ କୁମାର ବେହେରା ଓ ସହକାରୀ ପ୍ରାଧ୍ୟାପିକା ସ୍ମିତାରାଣୀ ପଟେଲ, ସ୍ଥାନୀୟ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ। କବାଡି ଓ ଖୋ ପ୍ରତିଯୋଗୀତାରେ ପଦ୍ମିନୀ ଟିମ୍ ବିଜୟୀ ହୋଇଥିଲା। ଗୁରୁବାର ଠାରୁ ଯୁବ ସମନ୍ୱୟ ବିକାଶ କାର୍ଯ୍ୟକ୍ରମର ସାଂସ୍କୃତିକ ପ୍ରତିଯୋଗୀତା ଆରମ୍ଭ ହେବ। ମୋ କଲେଜ ଅଭିଯାନର ସଂଯୋଜକ ଡା. ଅଜିତ କୁମାର ସାହୁ, ବାଣିଜ୍ୟ ବିଭାଗର ଅଧ୍ୟାପକ ଶକ୍ତି ଡୁଲଶ୍ୟାନ, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୋରଡ଼ାରେ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ

ନୂଆଗାଁ,୨୨।୧୧(ବିଜୟ ତ୍ରିପାଠୀ)

ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ସମବାୟର ଭୂମିକା ଗୁରୁତ୍ୱ ପୂର୍ଣ୍ଣ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କିମ୍ବା ବ୍ୟବସାୟ ସମସ୍ତ କ୍ଷେତ୍ରରେ ସମବାୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି। ତେଣୁ ସମବାୟର ଉତ୍ତରୋତ୍ତର କାମନାକରି ଏହାକୁ ଆଗକୁନେବା ଓ ଲୋକାଭିମୁଖୀ କରିବା ଦିଗରେ ସାଧାରଣ ଜନତା, କୃଷକ ପରିବାର ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସୋମବାର ହାତୀବାରି ଲ୍ୟାମ୍ପସ ଅଧିନସ୍ଥ ସୋରଡ଼ା ଶାଖା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ୭୦ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଏମ. ଡି ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଉକ୍ତ ବୈଠକରେ ସରପଞ୍ଚ ଅନୁଗ୍ରହ ଯୋଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥିଭାବେ ହାତୀବାରି ଲ୍ୟାମ୍ପସର ସଭାପତି ସାଧିନି ଖାଖା ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥିଭାବେ ପାନପୋଷ ଉପସହକାରୀ ନିବନ୍ଧକ ରିଚାର୍ଡ ପିଟର ବେକ ଓ ସହକାରୀ କୃଷି ଅଧିକାରୀ ଲିସାଲିସମଇ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ପୁରୁଣାପାଣି ସମବାୟ ବ୍ୟାଙ୍କର ସାଖା ପରିଚାଳକ ଅବିନାଶ ମହାପାତ୍ର ଯୋଗଦେଇ ସମବାୟ ବ୍ୟାଙ୍କ କିପରି ଭାବେ ଚାଷୀଙ୍କୁ ଉପଯୁକ୍ତ ଋଣ ଯୋଗାଇ ଆସୁଛି, ବିଶେଷ କରି ଚାଷ ସମୟରେ ଚାଷୀ ସମବାୟ ଦ୍ୱାରା ହିଁ କିପରି ଉପକୃତ ହୋଇ ପାରୁଛନ୍ତି ସେନେଇ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଉପସହକାରୀ ନିବନ୍ଧକ ପିଟର ବେକ ମଧ୍ୟ ସମବାୟର କାର୍ଯ୍ୟ ଶୈଳୀ ଓ ସେବା ସାହାଯ୍ୟ ମନବୃତ୍ତି ଉପରେ ନିଜ ବିବରଣୀ ପ୍ରଦାନ କରିଥିଲେ। ବୈଠକ ପ୍ରାରମ୍ଭରେ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ପ୍ରିୟଙ୍କା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ କାତେପୁର କାଜଲ ଏସଏସଜି ଗୋଷ୍ଠୀ, ହାତୀବାରି ବିଜୟଲକ୍ଷ୍ମୀ ଏସଏସଜି ଗ୍ରୁପ ଓ କୋକେରମା ଅଞ୍ଚଳର ଶିବାଜୀ ଗ୍ରୁପଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ସୋରଡ଼ା ଝରିଆଟୋଲୀ ମିଳିତ ଦେୟ ଗୋଷ୍ଠୀଙ୍କୁ ମଧ୍ୟ ଭଲ କାର୍ଯ୍ୟ ପାଁଇ ପୁରସ୍କୃତ କରାଯାଇଥିଲା। ଏଥିସହ ଅଞ୍ଚଳର ମିନା ଗୋଷ୍ଠୀ, ଅନିକା ଗୋଷ୍ଠୀ, ଇଣ୍ଡା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସେହିଭଳି ରାଣୀ ଓ ଦିବ୍ୟା ମିଳିତ ଦେୟ ଗୋଷ୍ଠୀଙ୍କୁ ମଧ୍ୟ ଋଣ ପ୍ରଦାନ କରାଯାଇଥିଲା। ମୁଖ୍ୟ ପରିଚାଳନା ମହାନ୍ତି କହିଥିଲେ, ଆଗାମୀ ଦିନରେ ସମବାୟ ସଂସ୍ଥାକୁ ଆହୁରି ଲୋକାଭିମୁଖୀ କରିବା ଦିଗରେ ହାତୀବାରି ଓ ନୂଆଗାଁ ଲ୍ୟାମ୍ପସ ବ୍ୟତୀତ ଆହୁରି ଅନେକ ଲ୍ୟାମ୍ପସ ଖୋଲା ଯିବା ଉପରେ ପ୍ରଚେଷ୍ଟା ଜାରିରହିଛି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବୈଠକରେ ଲ୍ୟାମ୍ପସର ନିର୍ଦ୍ଦେଶକ ହିମାଂଶୁ ତ୍ରିପାଠୀ, ବିଜୟ ଦାଶ, ଗଣପତି ଦାଶ, ମୋହନ ସିଂ ସମେତ ୧୫ଜଣ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଶେଷରେ ନିର୍ଦ୍ଦେଶକ କମଲ ପ୍ରସାଦ ଏକା ଧନ୍ୟବାଦ ଦେଇଥିଲେ।

## ଜନ୍ମମାଟିରେ ଶହୀଦ ଦୀପକଙ୍କୁ ଦିଆଗଲା ଗାର୍ଡ ଅଫ୍ ଅନର



ଶହୀଦ ଦୀପକଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି।

କୁତ୍ରା,୨୨।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖୁରାପାଲି ଗ୍ରାମର ଶହୀଦ ଦୀପକ କୁମାର ଟେଟେ(୩୩)ଙ୍କୁ ତାଙ୍କ ଜନ୍ମମାଟିରେ ଗାର୍ଡ ଅଫ୍ ଅନର ଦିଆଯାଇଛି। ଗାଁରେ ପାର୍ଥିବ ଶରୀର ପହଞ୍ଚିବା ପରେ ଯବାନ, ପୋଲିସ ବାହିନୀ ଓ ଗ୍ରାମବାସୀ ଗ୍ରାମ ପରିକ୍ରମା କରିଥିଲେ। ପରେ ଯବାନ ଓ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସେ ଇଣ୍ଡୋ-ତିବ୍ବତ ପୋଲିସ ବାହିନୀରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ରାୟପୁରଠାରେ ଆଇଟିବି ପୋଲିସ ଏବଂ ପ୍ରଶାସନ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଜନ୍ମମାଟି ଖୁରାପାଲି ଅଭିମୁଖେ ତାଙ୍କ ପାର୍ଥିବ ଶରୀରକୁ ଜଣେ କମାଣ୍ଡାଣ୍ଟ, ଜଣେ ପୋଲିସ ଇନ୍ସପେକ୍ଟର ଏବଂ ୧୪ ଜଣିଆ ଆଇଟିବି ପୋଲିସ ବାହିନୀର ଯବାନ ଆଣିଥିଲେ। ସ୍ୱର୍ଗତ ଦୀପକ ଗତ ୧୦ ବର୍ଷ ହେଲା ପୋଲିସ ବାହିନୀରେ ଯୋଗଦେଇଥିବା ବେଳେ ଇଣ୍ଡୋ- ତିବ୍ବତ ପୋଲିସ ବାହିନୀରେ ଚାଇନା ତିବ୍ବତ ବର୍ଡରରେ କାର୍ଯ୍ୟରତ ଥିଲେ। ଛତିଶଗଡ଼ ରାଜ୍ୟରେ ଚାଲୁଥିବା ସାଧାରଣ ନିର୍ବାଚନରେ ତାଙ୍କୁ କିଛିଦିନ ତଳେ ଡ୍ୟୁଟି ଦିଆଯାଇଥିଲା। ଗତ ୧୬ ତାରିଖରେ କାର୍ଯ୍ୟରତ ଅବସ୍ଥାରେ ତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ତାଙ୍କୁ ରାୟପୁରର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨୦ ତାରିଖ ଅପରାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ବିଜ୍ଞାନ ମେଳାରେ ୪୬ପ୍ରକଳ୍ପ ପ୍ରଦର୍ଶିତ



କୁଆଁରମୁଣ୍ଡା,୨୨।୧୧(ମହେନ୍ଦ୍ର କୁମାର ସାହୁ)

ଦୁନିଆକୁ ଆଗେଇ ନେବାକୁ ହେଲେ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଜ୍ଞାନ ଉପରେ ଜିଜ୍ଞାସାଭାବ ରଖିବା ଦ୍ୱାରା ସମାଜରୁ ଅନ୍ଧବିଶ୍ୱାସ ଦୂର କରାଯାଇପାରିବ ବୋଲି ବୁଧବାର କଚାରୁ ହାଇସ୍କୁଲରେ ଆୟୋଜିତ ବିଜ୍ଞାନ ମେଳାରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ କର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୁରୁଚରଣ ସାହୁ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ ପ୍ରଦାନ କରିବା ସହ କୃତିପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ମୋଟ ୪୬ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ କନିଷ୍ଠ ବର୍ଗର ୨୯ ଟି ପ୍ରକଳ୍ପ ମଧ୍ୟରୁ ମାନିକ ଏକ୍କା ୧ମ, ଚନ୍ଦନ ମାଝି ଓ ସୁରଭି ବଡ଼ାଇକ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବରିଷ୍ଠ ବର୍ଗରେ ୧୭ଟି ପ୍ରକଳ୍ପ ମଧ୍ୟରୁ ୧ମ ରବି ତିର୍କି,୨ୟ ଓ ୩ୟରେ ଯଥାକ୍ରମେ ରାଜକୁମାର ସାହୁ ଓ କୁନ୍ଦନ ବଡ଼ାଇକ ସ୍ଥାନିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସଦାନନ୍ଦ ପଧାନ ଓ ଗୁରୁଚରଣ ସାହୁଙ୍କ ସମେତ କଚାରୁ ସରପଞ୍ଚ ଝୁବା ଟପ୍ପୋ,ଏସଏମସି ସଭାନେତ୍ରୀ କାମିନୀ ସିଂ,ପୂର୍ବତନ ପ୍ରଧାନ ଶିକ୍ଷକ ଠୁରକା ସିଂ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ପାଣି ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## କେନ୍ଦୁଘାଟିରେ ଓଲଟିଲା ଗାଡ଼ି: ଜଣେ ମୃତ, ୧୨ ଗୁରୁତର

ଏମ୍.ରାମପୁର,୨୨।୧୧(ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ କେନ୍ଦୁଘାଟି ନିକଟରେ ଏକ ଗାଡ଼ି (ନଂ.ଓଡି୦୮ଟି-୦୬୬୭) ଓଲଟି ପଡିଛି। ଉକ୍ତ ଗାଡ଼ିରେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଅଧୀନ ସୁନାଗାଁର ୧୪ଜଣ ମହିଳା ଓ ପୁରୁଷ ଏମ୍. ରାମପୁର ବ୍ଲକ ଅଏଁଲାପାଲି ଗ୍ରାମରୁ ନିଜ ଗ୍ରାମ ସୁନାଗାଁକୁ ଯାଉଥିବା ବେଳେ ରାତି ସାଢ଼େ ୮ଟାରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଜନନୀ ପାତ୍ର (୫୦)ଙ୍କ ମୃତ୍ୟୁ ଘଟିଥିବାବେଳେ ମୁଖେଇ ପାତ୍ର, ଲକ୍ଷ୍ମୀ ମାଝି, ବିନ୍ଦୁମାଳି ପାତ୍ର ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକୁନ୍ତଳା ପାତ୍ର (କ), ପାଳଙ୍ଗି ମଳିକ, ସକୁନ୍ତଳା ପାତ୍ର (ଖ), ସୁବନ୍ତି ମଳିକ, ନୃପତି ପାତ୍ର, ଝୁନି ମାଝି, ପୁନେଇ ପାତ୍ର, ବୈଶାଖୀ ପାତ୍ର, ସୁମି ମାଝିଙ୍କ ଚିକିତ୍ସା ଚାଲିଛି।

## ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକାଙ୍କ ଆତ୍ମହତ୍ୟା

ନୂଆପଡ଼ା,୨୨।୧୧(ମକାରୁ ବେମାଲ)

ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକାଙ୍କ ଆତ୍ମହତ୍ୟା କରିଥିବା ଭଳି ଏକ ଅଭାବନୀୟ ଘଟଣା ବୁଧବାର ନୂଆପଡା ସଦର ବ୍ଲକ ବେଲଟୁକୁରି ଥାନା ବିଶୋରା ଗାଁରେ ଘଟିଛି। ଖବର ପାଇ ବେଲଟୁକୁରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରେମିକଙ୍କୁ ଅଟକ ରଖି ତଦନ୍ତ କରୁଛି। ପ୍ରାପ୍ତ ସୂଚନା ମୁତାବକ ବେଲଟୁକୁରି ଥାନା ସବିଶୋରା ଗାଁର ନବୀନ ମାଝି (୧୮)ଙ୍କ ସହ ନେଗିପାଲି ଗାଁ ଆଦର୍ଶ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ମଙ୍ଗଳବାର ରାତିରେ ନାବାଳିକା ପ୍ରେମିକା ପ୍ରେମିକଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟେଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକା ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

ବନ୍ଧମୁଣ୍ଡା,୨୨।୧୨ (ସୁବ୍ରତ ଦେ)

ବିଶ୍ରା ବ୍ଲକ ସନ୍ତୋଷପୁର ପଞ୍ଚାୟତର ଜାରା ଟୋଲିଠାରେ ବୁଧବାର ମହାବୀର ଯୁବ କ୍ଲବ ଦ୍ୱାରା ୧୫ତମ ନକ୍ ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଯାଇଛି। ଏହି ୫ ଦିନିଆ ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଆର୍‌ଏସ୍ କଲୋନି ବି ବ୍ଲକ୍ ଏବଂ ରୟାଲ୍ ଷ୍ଟୁଡେଣ୍ଟ ଝିରପାନି ଦଳ ମଧ୍ୟରେ ହୋଇଥିଲା। ଯେଉଁଥିରେ ଆର୍‌ଏସ୍ କଲୋନି ବି ବ୍ଲକ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଅବସରରେ ଜରାଇକେଲା ସମିତି ସଦସ୍ୟ ତଥା ବିଜେଡି ନେତା ସୋମନାଥ ରାହା ମୁଖ୍ୟ ଅତିଥି ଏବଂ ସୁଶୀଲ ଏକ୍କା, ସୁନୀତା ମିଞ୍ଜି, ଜେନା ଟପ୍ପୋ, ଦୁବରାଜ ରାଉତ, ଅନିଲ ସାହୁ, ପରବେଜ ଅଖତର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରାହା କହିଛନ୍ତି, ବିଶ୍ରା ବ୍ଲକର ପ୍ରାୟ ସମସ୍ତ ପଞ୍ଚାୟତରେ ନିୟମିତ ଭାବେ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥାଏ। ଯେଉଁଥିରୁ ଜାରା ଟୋଲିର ଫୁଟ୍‌ବଲ ଟୁର୍ନାମେଣ୍ଟ ବହୁତ ପ୍ରସିଦ୍ଧ । ଟୁର୍ନାମେଣ୍ଟର ସଫଳ ଆୟୋଜନରେ କମିଟିର ସମସ୍ତ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।



ପ୍ରତିଯୋଗିତାରେ ଭାଗନେଇଥିବା ଖେଳାଳି ଓ ଅନ୍ୟମାନେ।

## ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା

ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ବିଶ୍ରା,୨୨।୧୧( ବଟକୃଷ୍ଣ ସ୍ୱାଇଁ)

ସୁନ୍ଦରଗଡ ଜିଲା ବିଶ୍ରା ବ୍ଲକ ଡରେଇକେଲା ଛକରୁ ସରୁବାହାଲ ପର୍ଯ୍ୟନ୍ତ ମାତ୍ର ୨ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତାଟି ରହିଛି। ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି ହୋଇଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ଉପରେ ନୂଆଗାଁ ବ୍ଲକର ୧୦ଟି ପଞ୍ଚାୟତର ଗ୍ରାମବାସୀ ଓ ବିଶ୍ରା ବ୍ଲକର ୪ଟି ପଞ୍ଚାୟତର ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଭାରି ଯାନ ଓ ଛୋଟ ଗାଡି ଯାତାୟତ କରିଥାଏ। ଉକ୍ତ ରାସ୍ତା ମରାମତି ପାଇଁ ବିଭାଗ ଠିକାଦାର ନିଯୁକ୍ତି ଦେଇଥିଲେ। ବର୍ଷା ଦିନେ କାମ ଆରମ୍ଭ ହୋଇଥିଲା। ପିଚୁ ପକାଇବାର ମାତ୍ର ୬ ମାସ ଭିତରେ ରାସ୍ତାରୁ ପିଚୁ ଉଠିଯାଇଛି। ଫଳରେ ରାସ୍ତାଟି ଏବେ ଖାଲଖମାରେ ଭର୍ତ୍ତି ହୋଇ ଯାତାୟତରେ ସମସ୍ୟା ହେଉଛି। ଏ ସମ୍ପର୍କରେ ବିଭାଗର କନିଷ୍ଠ ଯନ୍ତ୍ରୀ ବିକ୍ରମ ମାଝିଙ୍କୁ ପଚାରିବାରୁ ପଚାରିବାରୁ, ଖୁବ ଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ରାସ୍ତାଟି ଖାଲ ଖମାରେ ଭର୍ତ୍ତି।

